ଧରିତ୍ରୀ
DHARITRI
June 25-July 1, 2023 ₹ 2/-

# ଛୁଟିଦିନ

# ଆଇତୋଟା


ଜଗତ ଠାକୁର ଦାରୁଦିଅଁ
ଭାଇ ଭଉଣୀଙ୍କୁ ସାଥୀରେ
ଧରି ଏବେ ଆବିର୍ଭାବ ସ୍ଥଳରେ
ବିରାଜିତ। ସେବକ
ଆଉ ଶ୍ରଦ୍ଧାଳୁଙ୍କ
ସମାବେଶରେ
ମୁଖରିତ ସୁନ୍ଦରାଚଳ।
ଏହି ପବିତ୍ରସ୍ଥଳ ସହ
ଆଇତୋଟାକୁ
ନେଇ ରହିଛି
ଭାବର ଗାଥା...



ପ୍ରଚ୍ଛଦ ପ୍ରସଙ୍ଗ

୩





୪

## ଗଙ୍ଗାଜଳ ଦୂର କରିବ ବାସ୍ତୁଦୋଷ

ହିନ୍ଦୁଧର୍ମରେ ଗଙ୍ଗାଜଳକୁ ଖୁବ୍ ପବିତ୍ର ବୋଲି କୁହାଯାଇଥାଏ। ମନରେ ଶ୍ରଦ୍ଧା ରଖି ଗଙ୍ଗାଜଳକୁ ଘରେ ରଖିଲେ ସୁଖସମୃଦ୍ଧି ବୃଦ୍ଧି ପାଇଥାଏ ବୋଲି ବିଶ୍ୱାସ ରହିଛି। ତା'ଛଡ଼ା ବାସ୍ତୁଦୋଷ ହେଉ ଅବା କାହାର କୁ-ଦୃଷ୍ଟିକୁ ଦୂର କରିବାରେ ମଧ୍ୟ ଗଙ୍ଗାଜଳର ରହିଛି ଅନେକ ଭୂମିକା। ଯେମିତିକି:

✲ବାସ୍ତୁଦୋଷ ଯୋଗୁ ସମସ୍ୟା ଲାଗି ରହୁଥିଲେ, ମଝିରେ ମଝିରେ ପବିତ୍ର ମନରେ ଘରର ଚାରିଆଡ଼େ ଗଙ୍ଗାଜଳ ଛିଞ୍ଚିଦେଲେ ଘରେ ସକରାତ୍ମକ ଉର୍ଜ୍ଜା ବୃଦ୍ଧି ପାଇଥାଏ ବୋଲି ବିଶ୍ୱାସ ରହିଛି।

✲ ପରିବାର ସଦସ୍ୟଙ୍କ ଭିତରେ କଳହ ଲାଗୁଥିଲେ, ପ୍ରତିଦିନ ସକାଳେ ଶୁଦ୍ଧପୁତ ହୋଇ ଘରର ପ୍ରତ୍ୟେକ ସଦସ୍ୟଙ୍କ ଉପରେ ଗଙ୍ଗାଜଳ ଟିକେ ଛିଞ୍ଚିଦେଲେ




ସମ୍ପର୍କରେ ମଧୁରତା ବଢିଥାଏ ବୋଲି ବାସ୍ତୁଶାସ୍ତ୍ରରେ କୁହାଯାଇଛି।

✲ ଛୋଟ ପିଲାଙ୍କୁ କାହାର କୁ-ଦୃଷ୍ଟି ଲାଗିଥିବାର ଅନୁଭବ କଲେ, ସେହି ପିଲା ଉପରେ ଗଙ୍ଗାଜଳ ଛିଞ୍ଚି କୁ-ଦୃଷ୍ଟିର ପ୍ରଭାବକୁ କମ୍ କରାଯାଇପାରେ।

✲ ରାତିରେ ଦୁଃସ୍ୱପ୍ନ ଆସୁଥିଲେ, ଶୋଇବା ପୂର୍ବରୁ ଶେଯ ଉପରେ ଟିକେ ଗଙ୍ଗାଜଳ ଛିଞ୍ଚି ତା'ପରେ ଶୋଇଲେ ଆଉ ଖରାପ ସ୍ୱପ୍ନ ଆସେନାହିଁ ବୋଲି ବିଶ୍ୱାସ ରହିଛି।

✲ ଗଙ୍ଗାଜଳକୁ ପ୍ଲାଷ୍ଟିକ୍ ବୋତଲରେ ନ ରଖି ବରଂ କୌଣସି ଧାତୁରେ (ଲୁହାକୁ ଛାଡ଼ି) ତିଆରି ପାତ୍ରରେ ଭରି ଠାକୁର ଘରେ ରଖିବା ଠିକ୍ ହେବ।

✲ ପିତଳ ହେଉ ଅବା ତମ୍ବା ଗଡୁରେ କିଛି ଗଙ୍ଗାଜଳ ଭରି ତାହାକୁ ଘରର ଉତ୍ତର-ପୂର୍ବ କୋଣରେ ରଖିଦେଲେ ଘରେ ସୁଖଶାନ୍ତି ବୃଦ୍ଧି ପାଇଥାଏ ବୋଲି ବିଶ୍ୱାସ ରହିଛି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁନ୍ ୨୫- ଜୁଲାଇ ୧

**ମେଷ**: ସମୟାନୁବର୍ତ୍ତିତାରୁ ପ୍ରଶଂସା, କଥାର ଓଜନ ବଢିବ, ବୈଷୟିକ ସୁଖ ସମୃଦ୍ଧି, ବ୍ୟବସାୟରେ ଲାଭାଂଶ ବୃଦ୍ଧି, କର୍ମକ୍ଷେତ୍ରରେ ପ୍ରତିଷ୍ଠା, ମନୋରଞ୍ଜନର ମଉକା ମିଳିବ, କ୍ରୀଡା ଚଳଚ୍ଚିତ୍ରରୁ ସମ୍ମାନ, ଧର୍ମକାର୍ଯ୍ୟରେ ଅନୁରାଗ ॥

**ବୃଷ**: ସ୍ୱାସ୍ଥ୍ୟୋନ୍ନତିରୁ ଆଶ୍ୱସ୍ତି, ମିତ୍ରବନ୍ଧୁଙ୍କ ସାହାଯ୍ୟ, ସହକର୍ମୀଙ୍କ ସହଯୋଗ, ଆନୁଷ୍ଠାନିକ କାମରେ ବିଘ୍ନ, ଦୂରଯାତ୍ରାରେ କାର୍ଯ୍ୟସିଦ୍ଧି, ଭ୍ରମଣ ସୁଯୋଗ ଜୁଟିବ, ପଦୋନ୍ନତିର ସୂଚନା, ସନ୍ତାନଙ୍କ କୃତିରୁ ଗୌରବ ॥

**ମିଥୁନ**: ଋଣମୁକ୍ତ ହେବେ, ଶତ୍ରୁତାର ବିନାଶ ଘଟିବ, ବନ୍ଧୁ ସଂପର୍କରେ ମଧୁରତା, ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି, ବିଶୃଙ୍ଖଳିତ ଆଚରଣରୁ ମନସ୍ତାପ, ମାନସିକ ସୁସ୍ଥତା ବ୍ୟାହତ, ବୁଝାମଣା ଠିକ୍ ରହିବ, ଦୂରଯାତ୍ରାର ଯୋଜନା, ନୂତନ ମିତ୍ରତା ସୃଷ୍ଟି ॥

**କର୍କଟ**: ମାନସିକ ଦ୍ୱନ୍ଦ୍ୱ, ଅବସାଦ ଲାଗି ରହିବ, ବ୍ୟାପାରରେ ଲାଭବାନ ହେବେ, ବନ୍ଧୁଙ୍କୁ ଆପଣାର କରିବେ, ଆଶା କଅଁଳି ଉଠିବ, କର୍ମକ୍ଷେତ୍ରରେ ସମ୍ମାନିତ ହେବେ, ଆର୍ଥିକ ଅଭିବୃଦ୍ଧି, ବ୍ୟବସାୟରେ ଉନ୍ନତି ॥

**ସିଂହ**: ବନ୍ଧୁଙ୍କ ସାହାଯ୍ୟପ୍ରାପ୍ତି, କର୍ମକ୍ଷେତ୍ରରେ ଦକ୍ଷତା, ଅପ୍ରିୟ ସତ୍ୟରୁ ଅଶାନ୍ତି, ସହକର୍ମୀଙ୍କ ଅସହଯୋଗ, ସୁସମ୍ପର୍କ ବ୍ୟାହତ ହେବ, ପରିସ୍ଥିତି ବଦଳିଯିବ, ପରିବାରରେ ଶାନ୍ତି ବୃଦ୍ଧି, ଶିଳ୍ପବାଣିଜ୍ୟରେ ପ୍ରତିବନ୍ଧକ ॥

**କନ୍ୟା**: ଆକସ୍ମିକ କଳହ, କାର୍ଯ୍ୟହାନୀରୁ ମନସ୍ତାପ, ବିଳମ୍ବରେ ସଫଳତା, ସମାଲୋଚିତ ହେବେ, ତରବରିଆ କାମ, ହଇରାଣ ହୋଇପାରନ୍ତି, ତିର୍ଥାଟନର ଯୋଜନା, ଦୂରଯାତ୍ରାରେ କାର୍ଯ୍ୟସିଦ୍ଧି, ଆର୍ଥିକ ଦୂରବସ୍ଥା, ଋଣଗ୍ରସ୍ତ ହେବେ, ଧର୍ମକାର୍ଯ୍ୟ କରିପାରନ୍ତି।

**ତୁଳା**: କର୍ମକ୍ଷେତ୍ରରେ ବିବାଦ, ସୁସମ୍ପର୍କ ବ୍ୟାହତ ହେବ, ବନ୍ଧୁଙ୍କ ସାହାଯ୍ୟ ପ୍ରତିଶୃତି, ବିଳମ୍ବରେ ସଫଳତା, ବ୍ୟବସାୟ ସଂପ୍ରସାରିତ ହେବ, ମାନସିକସୁସ୍ଥତା ରହିବନି, ମନୋବଳ ହ୍ରାସ ପାଇବ, ଅପଦସ୍ତରୁ ରକ୍ଷା ମିଳିବ, ପରିଜନଙ୍କ ସହ ଯାତ୍ରା ॥

**ବିଛା**: ଆତ୍ମବିଶ୍ୱାସ ବୃଦ୍ଧି, କାର୍ଯ୍ୟସିଦ୍ଧିରୁ ଆନନ୍ଦ, ସମସ୍ୟା ସୁଧୁରିଯିବ, ଭୁଲ୍ ବୁଝାମଣା ଦୂର ହେବ, ଲେଉଟାଣି ବନ୍ଧୁ ଆସିବେ, ସାହିତ୍ୟ ସଙ୍ଗୀତରୁ ପ୍ରଶଂସା, ହାତ ଗୋଡରେ ଆଘାତ ଲାଗିପାରେ, ବ୍ୟବସାୟରୁ ଲାଭ ॥

**ଧନୁ**: କାର୍ଯ୍ୟହାନୀରୁ ମନସ୍ତାପ, ଅଧସ୍ତନଙ୍କ ସହ ଯୁକ୍ତିତର୍କ, ଦୂରଯାତ୍ରା କରିପାରନ୍ତି, ପରିସ୍ଥିତି ଜଟିଳ ହୋଇପାରେ, ଆଇନ୍ ସପକ୍ଷରେ ଯିବ, ରାଜକୀୟ ସମ୍ମାନ ପାଇବେ, ସ୍ତ୍ରୀଙ୍କ ସହଯୋଗ ମିଳିବ, ସମସ୍ୟା ସୁଧାରି ନେବେ ॥

**ମକର**: ନୂଆ ବନ୍ଧୁଙ୍କୁ ମିଶିବେ, ମାନସିକ ସ୍ଥିରତା, ଭାବପ୍ରବଣତା ବଢିବ, ମନୋରଞ୍ଜନର ମଉକା, ଯାନ୍ତ୍ରିକ ଜିନିଷ କିଣିବେ, କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ, ନିଜ ପରିସରରେ ପ୍ରତିଷ୍ଠା, ବସ୍ତ୍ର ଭୂଷଣପ୍ରାପ୍ତି, ବ୍ୟବସାୟିକ ଉନ୍ନତି, କଳାସାହିତ୍ୟରୁ ପ୍ରଶଂସା ॥

**କୁମ୍ଭ**: ଲକ୍ଷ୍ୟହୀନ ଯାତ୍ରା, ଧନହାନୀ ଘଟିପାରେ, ବନ୍ଧୁ ସହ ମନୋମାଳିନ୍ୟ, ସୌଖୀନ ଦ୍ରବ୍ୟ କ୍ରୟ କରିବେ, ସଂଯମତା ହରାଇବେ, ନିନ୍ଦା ଶୁଣିପାରନ୍ତି, ପ୍ରକାଶନରେ ବିଳମ୍ବ, ପ୍ରଶାସନିକ ଆଲୋଚନା, ପ୍ରତିବନ୍ଧକ ଦୂର ହେବ, ଶୁଭଖବର ପାଇବେ॥

**ମୀନ**: ଯୋଜନା କାର୍ଯ୍ୟକାରୀ କରିବେ, ଅଭାବ ଦେଖାଦେବ, ଦୁଶ୍ଚିନ୍ତାର ମାତ୍ରା ବଢିପାରେ, ଦ୍ରବ୍ୟପ୍ରାପ୍ତିରୁ ଆନନ୍ଦ, ଯନ୍ତ୍ରଣା ଉପଶମ ହେବ, ବୁଝାମଣାରେ ଉନ୍ନତି, ଆଶା ପୂରଣ ହେବ, ନିର୍ମାଣାଧୀନ କାର୍ଯ୍ୟାରମ୍ଭ, ବନ୍ଧୁମିଳନର ଯୋଜନା, ସୁସମ୍ପର୍କ ଫେରିବ, ପାରିବାରିକ ସଦ୍‌ଭାବ ବୃଦ୍ଧି ॥

## ସୁସ୍ଥ ରହିବାର ଉପାୟ

**ରୋ**ଷେଇ ଘରେ ନିତ୍ୟ ବ୍ୟବହୃତ ହେଉଥିବା ଏଭଳି କେତେକ ଖାଦ୍ୟଦ୍ରବ୍ୟ ରହିଛି, ଯାହା ଶରୀରକୁ ସୁସ୍ଥ ରଖିବାରେ ବିଶେଷ ସହାୟକ ହୋଇଥାଏ। କାରଣ ଏଥିରେ ଭରି ରହିଥାଏ ଅନେକ ଔଷଧୀୟ ଗୁଣ। ଯେମିତି କି: **ଅଁଳା:** ଭିଟାମିନ୍ ସି, ଆଣ୍ଟିଅକ୍ସିଡାଣ୍ଟ ଓ ମିନେରାଲ୍ସରେ ଭରା ଅଁଳା ରୋଗ ପ୍ରତିରୋଧକ ଶକ୍ତି ବଢାଇବା ସହ ବ୍ରଣ ସମସ୍ୟାରୁ ମୁକ୍ତି ଦେଇଥାଏ। କ୍ୟାନ୍‌ସର ସହ ଲଢିବା ତଥା କେଶରେ ପ୍ରାକୃତିକ ଚମକ୍ ବି ଆଣିଥାଏ। **ଡାଲ୍‌ଚିନି:** କୋଲେଷ୍ଟରଲ୍ ଓ ବ୍ଲଡ୍ ସୁଗାର୍‌କୁ ନିୟନ୍ତ୍ରଣରେ ରଖିବା ସହ ଓଜନ କମାଇବାରେ ଏହା ସହାୟକ ହୁଏ। ମହୁ ସହିତ ଡାଲ୍‌ଚିନି ଗୁଣ୍ଡ ଖାଇଲେ ଆର୍ଥ୍ରାଇଟିସ୍ ରୋଗୀଙ୍କୁ ଆରାମ ମିଳିଥାଏ ବୋଲି ବିଶ୍ୱାସ ରହିଛି। **ଅଦା-ରସୁଣ:** ସ୍ମରଣଶକ୍ତି ଓ ଭୋକ ବୃଦ୍ଧି କରାଇବା, ଗ୍ୟାସ୍, ଆର୍ଥ୍ରାଇଟିସ୍, ସ୍ପଣ୍ଡିଲାଇଟ୍ସ, ଅଣ୍ଡାକାଶ ଆଦି ସମସ୍ୟାରୁ ଅଦା ମୁକ୍ତି ଦିଏ। ଆଉ ରସୁଣ କୋଲେଷ୍ଟରଲ୍, ବ୍ଲଡ୍ ପ୍ରେସର୍‌କୁ ନିୟନ୍ତ୍ରଣରେ ରଖେ ଓ ଅଣ୍ଡାଜନିତ ରୋଗରୁ ରକ୍ଷା ଦେଇଥାଏ। **ମହୁ:** ମହୁ ଓ ଅଦା ରସ ଖାଇଲେ ଅଣ୍ଡାକାଶରୁ ମୁକ୍ତି ମିଳେ। ଏହା ହିମୋଗ୍ଲୋବିନ୍‌କୁ ବି ବଢ଼ାଏ। ଖଣ୍ଡିଆ କିମ୍ବା ପୋଡାଜଳା ସ୍ଥାନରେ ମହୁ ଲଗାଇଲେ ବେଶ୍ ଆରାମ ଲାଗେ। **ଗୁଡ:** ଥଣ୍ଡା ସମସ୍ୟା ସହିତ ଗଳା ଓ ପେଟ ସମ୍ବନ୍ଧୀୟ ନାନାଦି ରୋଗରୁ ଏହା ଉପଶମ ଦେଇଥାଏ। ଥକ୍କାପଣରୁ ବି ଏହା ମୁକ୍ତି ଦିଏ। **ଲେମ୍ବୁ:** ଉଷୁମ ପାଣିରେ ଲେମ୍ବୁ ରସ ମିଶାଇ ପିଇଲେ, ଫ୍ରେଶ୍ ଅନୁଭବ ହୁଏ। ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା, କୋଲେଷ୍ଟରଲ୍‌କୁ ନିୟନ୍ତ୍ରଣରେ ରଖିବାରେ ମଧ୍ୟ ଏହା ବେଶ୍ ସହାୟକ ହୋଇଥାଏ।



## ପାଠକୀୟ

➢ଗୁଡ଼ ଆମ ସଂସ୍କୃତି, ପରମ୍ପରା ସହ ବେଶ୍ ନିବିଡ଼ ଭାବେ ଜଡ଼ିତ। ସେ ପଞ୍ଚାମୃତ ହେଉକି ରଜପର୍ବର ଆକର୍ଷଣ ପୋଡ଼ପିଠା, ଏସବୁ ତ ଯେମିତି ଗୁଡ଼ ବିନା ଅଧୁରା। ସେଥିପାଇଁ ତ ଆଧୁନିକତାର ଛାପରେ ଏହାର ଚାହିଦା କିଛିଟା କମିଥିଲେ ହେଁ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇନାହିଁ ଏହାର ସତ୍ତା। ତେଣୁ ସ୍ୱାଦର ଅନନ୍ୟ ପରମ୍ପରା ଗୁଡ଼କୁ ନେଇ ଉପସ୍ଥାପନ କରାଯାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ମନଛୁଆଁ ହୋଇଥିଲା। 'ଦୀପ ଜାଳିବାକୁ ନେଇ ନିୟମ', 'ଧନ ବଢ଼ିବ କିପରି' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

***- ମମତା ପଟ୍ଟନାୟକ, ଝାଡ଼େଶ୍ୱରୀ ଲେନ୍, ପୁରୀ***

➢ଗୁଡ଼ର ମିଠାପଣ କେବଳ ପାଟିକୁ ମିଠା କରେନା ବରଂ ଆମ ପର୍ବପର୍ବାଣିକୁ ବି ଖାସ୍ କରାଏ। ତା'ସହ ସମ୍ପର୍କକୁ ମଧ୍ୟ କରେ ମଧୁର। ତେଣୁ ରଜ ଅବସରରେ ଖାସ୍ ଏହି 'ଗୁଡ଼'କୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ତଥ୍ୟପୂର୍ଣ୍ଣ ହୋଇଥିଲା। 'ଦାମୀ ପାନ' ଶୀର୍ଷକ ଆଲେଖ୍ୟରୁ ମଧ୍ୟ କେତୋଟି ଦାମୀ ପାନ ସମ୍ପର୍କରେ ଜାଣି ଖୁସି ଲାଗିଲା। ଶିକ୍ଷାବିତ୍ ତଥା ବଡିବିଲ୍ଡର ତ୍ରିନାଥ ପଲାଇଙ୍କ ସମ୍ପର୍କରେ ବହୁ ଅଜଣା କଥା ବ୍ୟକ୍ତିତ୍ୱ ପୃଷ୍ଠାରୁ ଜାଣିହେଲା।

***- ସୁକାନ୍ତ ମହାନ୍ତି, ଛେଣ୍ଡ କଲୋନି, ରାଉରକେଲା***

➢ସୃଜନ ପୃଷ୍ଠାରେ ସ୍ଥାନିତ 'ରଜ' ଶୀର୍ଷକ ଗପ ଓ କବିତାଟି ବେଶ୍ ମନଛୁଆଁ ହୋଇଥିଲା। ସିନେମା ପୃଷ୍ଠାଟି ବେଶ୍ ଆକର୍ଷଣୀୟ ଲାଗୁଥିଲା। ଖାସ୍ କରି ଏଥିରେ ସ୍ଥାନିତ ରକୁଲ୍ ପ୍ରୀତ୍ ସିଂଙ୍କର ଫଟୋଟି ଖୁବ୍ ସୁନ୍ଦର ଦେଖାଯାଉଥିଲା। କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ଡ. ମାନସ କୁମାର ଦାଶଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବେଶ୍ ହୃଦୟସ୍ପର୍ଶୀ ଥିଲା।

***- ରଶ୍ମିରଞ୍ଜନ ସାହୁ, ଭଦ୍ରକ***

➢ଏଥରର ସେଲିବ୍ରିଟି ସିକ୍ରେଟ୍‌ରୁ ଦୀପିକା ତ୍ରିପାଠୀ ରଥଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। ମଡେଲ ମିରରରେ ମନୀଷା ବେଶ୍ ସୁନ୍ଦରୀ ଲାଗୁଥିଲେ। ସହର ପୃଷ୍ଠାରୁ ଶାନ୍ତିପୂର୍ଣ୍ଣ ଶୈଳନିବାସ ୟରକୌଡ ବିଷୟରେ ବହୁ ଅଜଣା କଥା ଜାଣିହେଲା। 'ବବଲ୍ ଗମ୍- ଚୁଇଂଗମ୍'ର ଇତିହାସ ସମ୍ପର୍କରେ ବିବିଧା ପୃଷ୍ଠାରୁ ଜାଣି ଖୁସି ଲାଗିଲା।

***- ଅରୁଣ ଷଡ଼ଙ୍ଗୀ, ପାଣିକୋଇଲି , ଯାଜପୁର***

➢ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ସଧବା ରୁହନ୍ତି ବିଧବା ବେଶରେ', 'ଚଢ଼େଇ ଘଉଡ଼େଇବା ଚାକିରି', 'ରୋମାଞ୍ଚରେ ଭରା ଏଇ ଦୋଳି' ଆଦି ପାଠ ଯେତିକି ଆଶ୍ଚର୍ଯ୍ୟକର ଥିଲା ସେତିକି ତଥ୍ୟପୂର୍ଣ୍ଣ ମଧ୍ୟ ହୋଇଥିଲା। 'କାହାର ପୁଷ ମାସ କାହାର ସର୍ବନାଶ' ଶୀର୍ଷକ ଏଥରର ବ୍ୟଙ୍ଗଟି ବି ବେଶ୍ ଶିକ୍ଷଣୀୟ ହୋଇଥିଲା।

***- ଲିଜାଲିନ୍ ପଣ୍ଡା, ସମ୍ବଲପୁର***

## ବିଶେଷ ଚିଠି



ସମୟକୁ ନେଇ ନିତି ଆଣ ତୁମେ
କେତେ ଯେ ନୂଆ ପସରା,
ଆସି ଅଛି ରଜ ହୋଇ ସଜବାଜ
ଆଜି ପୁଣି ଯେ ନିଆରା !
ହୁଅ ହେ ଆମ କୁଣିଆ
ପାଠକଙ୍କ ପାଇଁ ଧରିତ୍ରୀ ଛୁଟିଦିନ
ସବୁ ଦିନେ ଲାଗ ନୂଆ ନୂଆ।

***- କବି ସୁଶାନ୍ତ ରଣା,***
***ତେରେସିଂହା, କଳାହାଣ୍ଡି***

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ଆଈତୋଟା

**ଜଗତ ଠାକୁର ଦାରୁଦିଅଁ । ଭାଇ ଭଉଣୀଙ୍କୁ ସାଥୀରେ ଧରି ଏବେ ଆବିର୍ଭାବ ସ୍ଥଳରେ ବିରାଜିତ। ସେବକ, ଶ୍ରଦ୍ଧାଳୁଙ୍କ ସମାବେଶରେ ମୁଖରିତ ସୁନ୍ଦରାଚଳ। କାଳିଆ ସାଆନ୍ତଙ୍କ ଜନ୍ମ/ଆବିର୍ଭାବ ସ୍ଥଳ, ଜନ୍ମବେଦି, ଆଟୋପ ମଣ୍ଡପ /ଆଡ଼ମ୍ବର ମଣ୍ଡପ ବା ଲୋକମୁଖରେ ପ୍ରଚାରିତ ଆଡ଼ପ ମଣ୍ଡପ ବା ଆଜିର ଗୁଣ୍ଡିଚାବାଡ଼ି ଏବେ ସମସ୍ତଙ୍କ ଆକର୍ଷଣର ସ୍ଥଳ। ଏହି ପବିତ୍ରସ୍ଥଳ ସହ ଆଈତୋଟାକୁ ନେଇ ରହିଛି ଭାବର ଗାଥା....**



ମହାପ୍ରଭୁଙ୍କ ଗୁଣ୍ଡିଚା ଯାତ୍ରା, ଏହାକୁ ବି କୁହାଯାଏ 'ମାଧୁର୍ଯ୍ୟଭୂମିକୁ' ଯାତ୍ରା । ଏ କଥା ବୈଷ୍ଣବୀୟ ପରମ୍ପରାରେ ଗ୍ରହଣୀୟ ହୁଏ । ଦାରୁଦିଅଁ ଉପାସିତ ଶ୍ରୀମନ୍ଦିର ନୀଳାଚଳ ଧାମରେ ଅବସ୍ଥିତ । ଯାହା ସର୍ବଜନ ବିଦିତ। ପୁଣି ଏହି ଧାମକୁ କୁହାଯାଏ ଐଶ୍ୱର୍ଯ୍ୟଧାମ। ଅପରପକ୍ଷେ ମାଧୁର୍ଯ୍ୟଧାମ ହେଉଛି ବ୍ରଜଧାମ। ଏ ସମ୍ପର୍କରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, 'ଶ୍ରୀକୃଷ୍ଣ ଉପାସକମାନେ ଦାରୁଦିଅଁଙ୍କ ଆବିର୍ଭାବ ଧାମକୁ ବ୍ରଜଧାମ ଭାବେ ଗ୍ରହଣ କରନ୍ତି। ଆଉ ଏହି ଯାତ୍ରାହିଁ ଐଶ୍ୱର୍ଯ୍ୟଧାମରୁ ମାଧୁର୍ଯ୍ୟଧାମକୁ ଯାତ୍ରା ବୋଲି ସେମାନଙ୍କର ଆସ୍ଥା ଓ ବିଶ୍ୱାସ। ବ୍ରଜଧାମ ଭାରତୀୟ ପରମ୍ପରାରେ ସୁନ୍ଦରାଚଳ। ଏହି ଯାତ୍ରା ନୀଳାଚଳରୁ ସୁନ୍ଦରାଚଳକୁ ଯାତ୍ରା। ସୁନ୍ଦରାଚଳକୁ ଲାଗି ରହିଛି ଆଈତୋଟା। ମହାପ୍ରଭୁ ନବଦିନାତ୍ମକ ଯାତ୍ରାରେ ଆସିବା ପୂର୍ବରୁ ସୁନ୍ଦରାଚଳରେ ମାର୍ଜନା ନୀତି ହୁଏ। ମାର୍ଜନା କଲାବେଳେ ମାର୍ଜନାକାରୀମାନେ ଗୁଣୁଗୁଣୁ ହୋଇ ବୋଲନ୍ତି, 'କାଲି ଆସିବେ ମୋ ପ୍ରାଣବନ୍ଧୁ..ଆଜି କୁଞ୍ଜ ସଜାଅ ଗୋ' । ପ୍ରକୃତି ଆକର୍ଷିତ କରୁଛି, ପୁରୁଷଙ୍କୁ ନୁହେଁ ଶ୍ରୀପୁରୁଷୋତ୍ତମଙ୍କୁ। ଏହି ମାର୍ଜନ ଗୀତର ଗୁଞ୍ଜରଣ ଶେଷ ହୁଏ ଆଈତୋଟାରେ। ଆଈ ହେଉଛନ୍ତି ବୈଷ୍ଣବମାନଙ୍କ ମଧ୍ୟରେ 'ବୃନ୍ଦା'। ବ୍ରଜବାସୀଙ୍କ ପାଇଁ ଆଈର ଅର୍ଥ ମା। ମା'ର ତୋଟା ହିଁ ପବିତ୍ର ଆଈତୋଟା। ଜନ୍ମଭୂମିକୁ ମା'ର ତୋଟାଲାଗି ରହିବା ସ୍ୱାଭାବିକ। ଦାରୁଦିଅଁଙ୍କ କେହି ମା' ନଥିବା ବେଳେ ମା'ର କଳ୍ପନା କରାଯାଇଅଛି। ଅବଶ୍ୟ ଏହା ଭାବର କଥା।

**ବାହୁଡ଼ାର ଐତିହ୍ୟ:** ଶାସ୍ତ୍ରରେ ବର୍ଣ୍ଣିତ ହୋଇଛି ମହାରାଜା ଇନ୍ଦ୍ରଦ୍ୟୁମ୍ନ ଦାରୁଦିଅଁଙ୍କ ପାଇଁ ମନ୍ଦିର ନିର୍ମାଣ କଲେ। ଏହା ପରେ ମନ୍ଦିର ପ୍ରତିଷ୍ଠା ବିଧି ସମାପ୍ତ କରାଇଥିଲେ। ସେତେବେଳେ ଆଡ଼ପ ମଣ୍ଡପରୁ ମହାପ୍ରଭୁଙ୍କୁ ରଥରେ ବସାଇ ପ୍ରଥମେ ଶ୍ରୀମନ୍ଦିରକୁ ଆଣିଥିଲେ। ତାହା ଥିଲା ଦାରୁଦିଅଁଙ୍କ ନୀଳାଚଳ ଯାତ୍ରା। ଏହି ଶାସ୍ତ୍ରୀୟ ପରମ୍ପରା ଏବେ ବି ଶ୍ରୀଜଗନ୍ନାଥ ଧାମର ପଞ୍ଚକୋଶୀଙ୍କ ମଧ୍ୟରେ ବଞ୍ଚି ରହିଛି। ଷୋଳ ଶାସନ ଓ ବତିଶ କରବାଡ଼ର ବ୍ରାହ୍ମଣମାନେ, କ୍ଷେତ୍ରରେ ବାସ କରୁଥିବା ଜାଣିବା ଶୁଣିବା ଲୋକେ ଶ୍ରୀଗୁଣ୍ଡିଚା ଯାତ୍ରାରେ ପ୍ରାୟତଃ ଭାଗ ନିଅନ୍ତି ନାହିଁ ବୋଲି ଶୁଣିବାକୁ ମିଳେ। ସେମାନେ ଦାରୁଦିଅଁ ଆଡ଼ପ ମଣ୍ଡପରେ ପହଞ୍ଚିବା ପରେ ସେଠାକୁ ଯାଇ ଦର୍ଶନ କରନ୍ତି। ଆଉ ତାଙ୍କର ନୀଳାଚଳକୁ ଆସିବା ବେଳେ ଅଂଶଗ୍ରହଣ କରିଥାନ୍ତି। ସ୍କନ୍ଦପୁରାଣ ବର୍ଣ୍ଣନା ଅନୁଯାୟୀ ଦାରୁଦିଅଁଙ୍କର ଉପାସନା ଧାମକୁ ଭୂସ୍ୱର୍ଗ କୁହାଯାଏ,ତେଣୁ ଭୂସ୍ୱର୍ଗକୁ ଗମନ କରିବା ବା ଯାତ୍ରା କରିବାର ବିଧିକୁ ଆମେ ବାହୁଡ଼ା ଯାତ୍ରା କହୁଛୁ। କାରଣ ସେ ଆମ ପାଖକୁ ବାହୁଡ଼ି ଆସୁଛନ୍ତି। ଆବିର୍ଭାବ ମଣ୍ଡପ ବା ଧାମକୁ ଯାତ୍ରା କରୁଥିବାରୁ ତାଙ୍କ ପାଇଁ ତାହା ବାହୁଡ଼ା ଯାତ୍ରା, ମାତ୍ର ମନୁଷ୍ୟଙ୍କ ମୁକ୍ତି ନିମନ୍ତେ ଉପାସନା କ୍ଷେତ୍ରକୁ ଫେରିଆସୁଥିବାରୁ ଏହା ହେଉଛି ଆମ ପାଇଁ ମହାପ୍ରଭୁଙ୍କର ବାହୁଡ଼ା ଯାତ୍ରା।

**ସଦ୍‌ଭାବନାର ବାର୍ତ୍ତା:** ଶାସ୍ତ୍ରରେ କୁହାଯାଇଛି ''ସୋଽହମ୍'। ଏହାର ଅର୍ଥ ହେଉଛି– ସେ ହିଁ ମୁଁ, ମୁଁ ହିଁ ସେ। ତୋ ଓ ମୋ ଭିତରେ କୌଣସି ପ୍ରଭେଦ ନାହିଁ। ଭାରତୀୟ ଦର୍ଶନରେ ଏହି ଗଭୀର ରହସ୍ୟକୁ ଦାରୁଦିଅଁ ରଥଯାତ୍ରାରେ ସାକାର କରାଉଛନ୍ତି। ଏଠାରେ ଦେହ ଓ ଦେହୀର କୌଣସି ଭେଦ ନାହିଁ। ଭାରତର କୌଣସି ମନ୍ଦିରରେ ମୂଳ ବିଗ୍ରହ ସିଂହାସନରୁ ଓହ୍ଲାଇ ଆସି ଭକ୍ତଙ୍କ ସହିତ ମିଶି ମାନବୀୟ ଲୀଳା କରିବାର ଦୃଷ୍ଟାନ୍ତ ବିରଳ, କିନ୍ତୁ ଦାରୁଦିଅଁ ସଗୁଣବ୍ରହ୍ମ ହେଲେ ମଧ୍ୟ ସାକାର ହୋଇ ଜୀବମାନଙ୍କର ମଙ୍ଗଳ ପାଇଁ ଏହି ଲୀଳା କରିଥାଆନ୍ତି। ସେଥିପାଇଁ ଏହାକୁ କୁହାଯାଏ ଶ୍ରୀପତିତପାବନ ଯାତ୍ରା। ଏଥିରେ ସମାଜକୁ ସେ ମୁଖ୍ୟତଃ ସଦ୍‌ଭାବନାର ବାର୍ତ୍ତା ଦେଇଥାଆନ୍ତି।

**–ବୀରଭଦ୍ର ବିଶ୍ୱାଳ**

**ଫଟୋ: ଯଜ୍ଞେଶ୍ୱର ମହାନ୍ତି**

## ଆଈତୋଟା: ବଦଳିଛି ରୂପରେଖ

ଆଇତୋଟା ସମ୍ପର୍କରେ ଜଗନ୍ନାଥ ସଂସ୍କୃତି ଗବେଷକ ଡ. ସିଦ୍ଧେଶ୍ୱର ମହାପାତ୍ର କୁହନ୍ତି, ଏକଦା ଗୁଣ୍ଡିଚା ମନ୍ଦିରର ବାମପାର୍ଶ୍ୱସ୍ଥିତ ତୋଟା ଆଈତୋଟା ଭାବେ ପରିଚିତ ଥିଲା। ବର୍ତ୍ତମାନ ତା'ର ରୂପରେଖ ବଦଳିଯାଇଛି। ସେହି ସ୍ଥାନରେ ଏବେ କେତେକ ମଠ, ଆଶ୍ରମ ସହିତ ବସ୍ତିଷ୍ଟାଣ୍ଡ ରହିଛି। ତେବେ ଚୈତନ୍ୟ ଚରିତାମୃତ ଅନୁଯାୟୀ ଗୁଣ୍ଡିଚା ମାର୍ଜନ ପରେ ଶ୍ରୀଚୈତନ୍ୟ ଓ ତାଙ୍କ ଅନୁଗାମୀମାନେ ଏହି ତୋଟାରେ ବଣଭୋଜି କରୁଥିଲେ। ଗୁଣ୍ଡିଚାଯାତ୍ରା ସମୟରେ ଏହି ତୋଟା ହେଲା ତାଙ୍କର ବିଶ୍ରାମସ୍ଥଳ। ଆଈଟୋଟା ଆସି ପ୍ରଭୁ ବିଶ୍ରାମ କରିଲ (ଚୈତନ୍ୟ ଚରିତାମୃତ ମଧ୍ୟ ପର୍ବ–୧୪) । ଏଠାରେ ଆଈ ଶବ୍ଦଟି ଆଜି ମାତାମହୀ ଅର୍ଥରେ ବ୍ୟବହୃତ ହେଉଅଛି। ଦିନେ ମାତା ନିମନ୍ତେ ବ୍ୟବହୃତ ହେଉଥିଲା।

୧ –କାନ୍ଦନ୍ତି କୁମରେ ଯେ ଜନନୀ ମୁଖ ଚାହିଁ/ ଦିଅସି କ୍ଷୀର ପାନ ବ୍ରତିବୁ ଆମ୍ଭେ ଆଈ(ସାରଳା ମହାଭାରତ )।

୨–ଆମ୍ଭେ ତୋ ସୁତ ସଙ୍ଗେ ଥାଇ / ମଥୁରା ଦେଖିଲୁ ଗୋ ଆଈ ( ଭାଗବତ)।

୩–(ବଙ୍ଗଳା) ସତ୍ୱରେ ଆଇଲା ସଜି ଆଈ ଶାନ୍ତି ପୁରେ(ଚୈତନ୍ୟ୨ ଚରିତାମୃତ)। ଏହିଭଳି ଭାବେ ଆଈ ଶବ୍ଦର ବ୍ୟବହାର ଦେଖିବାକୁ ମିଳେ।










# ମାଣିକପାଟଣା: ସେବେ ଆଉ ଏବେ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳା ବଡ଼ ବିଚିତ୍ର। ଭକ୍ତଙ୍କ ମାନରକ୍ଷା ପାଇଁ ବିଭିନ୍ନ ସ୍ଥାନରେ ଭିନ୍ନଭିନ୍ନ ରୂପରେ ସେ ପ୍ରକଟ ହୁଅନ୍ତି । ଯାହା କାଞ୍ଚି ଅଭିଯାନ କଥାରେ ବି ଦେଖିବାକୁ ମିଳେ। କିମ୍ବଦନ୍ତୀ ଅନୁଯାୟୀ – ଶ୍ରୀକ୍ଷେତ୍ରରେ ରଥଯାତ୍ରା ପର୍ବର ପରିବେଶ। ବିଭିନ୍ନ ଆଡ୍ରୁ ଆସିଥା'ନ୍ତି ନିମନ୍ତ୍ରିତ ରାଜଅତିଥି। ସେମାନଙ୍କ ମଧ୍ୟରେ ଥିଲେ କାଞ୍ଚିରାଜା ସାଲ୍ବ ନରସିଂହ ଦେବ । ସେ ଅବଲୋକନ କରୁଥିଲେ ରଥାରୂଢ଼ ଶ୍ରୀଜୀଉମାନଙ୍କୁ। ଉତ୍କଳର ଗଜପତି ମହାରାଜା ଶ୍ରୀ ଶ୍ରୀ ପୁରୁଷୋତ୍ତମ ଦେବ ତିନି ଠାକୁରଙ୍କ ସମ୍ମୁଖ ରଥଉପରେ ଛେରାପହଁରା କରୁଥିବାର ଦୃଶ୍ୟକୁ କାଞ୍ଚିରାଜା ଦେଖି ହଠାତ ନିମନ୍ତ୍ରିତ ଆତିଥ୍ୟ ଆସନରୁ ଉଠିପଡ଼ିଥିଲେ। ଏଥର ସେ ଫେରିଗଲେ କାଞ୍ଚି। କିନ୍ତୁ ପୂର୍ବରୁ ଅଙ୍ଗୀକାରବଦ୍ଧ କାଞ୍ଚିରାଜା ସାଲ୍ବ ନରସିଂହ ଦେବ ଘୋଷଣାକଲେ କାଞ୍ଚି ରାଜଜେମା ପଦ୍ମାବତୀଙ୍କୁ ବରଂ ଚଣ୍ଡାଳଙ୍କ ହାତରେ ଟେକିଦେବେ, ମାତ୍ର ଉତ୍କଳର ଗଜପତି ଶ୍ରୀପୁରୁଷୋତ୍ତମ ଦେବଙ୍କୁ ପ୍ରଦାନ କରିବେ ନାହିଁ। ଏହି ସମ୍ବାଦ ଆସି ପହଞ୍ଚିଲା ଉତ୍କଳ ରାଜଦରବାରରେ। ଏହା ଯେ ଉତ୍କଳରାଜ୍ୟ ପ୍ରତି ଘୋର ଅପମାନ ଏହି କଥାକୁ ଶ୍ରୀ ଗଜପତି ପୁରୁଷୋତ୍ତମ ଦେବ ଅନୁଭବ କରିଥିଲେ। ପ୍ରସ୍ତୁତ ହେଲା ସମରସଜ୍ଜା, ଆରମ୍ଭ କଲେ କାଞ୍ଚି ଅଭିଯାନ। ମାତ୍ର ପ୍ରଥମ ଯୁଦ୍ଧରେ ଗଜପତି ଶ୍ରୀପୁରୁଷୋତ୍ତମ ଦେବ ପରାସ୍ତ ହେଲେ । ଏବଂ ମାନରକ୍ଷା ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଶରଣାଗତ ହେଲେ। ପୁଣି ଦ୍ୱିତୀୟ ଥର ଆରମ୍ଭ ହେଲା କାଞ୍ଚି ଅଭିଯାନ ସମର ସଜବାଜ। ଏଥର କିନ୍ତୁ କାଞ୍ଚି ଅଭିଯାନରେ ଶ୍ରୀପୁରୁଷୋତ୍ତମ ଦେବଙ୍କୁ ସାହାଯ୍ୟ କରିବା ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ର ସୈନିକ ସାଜିଲେ। କଳାଧଳା ଘୋଡ଼ା ଚଢି ଚାଲିଥାନ୍ତି ଚିଲିକା କୂଳେକୂଳେ ଦାକ୍ଷିଣାତ୍ୟ ଅଭିମୁଖେ । କିଛିବାଟ ଗଲାପରେ ଚିଲିକା ଠାରୁ ଅନତିଦୂର ସମୁଦ୍ର ବେଳାଭୂମିର ତଣ୍ଡାକିନାରେ ପହଁଞ୍ଚିଥିଲେ। ଟାଣଖରାରେ ପ୍ରବଳ ତୃଷାର୍ତ୍ତ ଯୋଗୁ ଦୁଇଭାଇ ବାଟରେଥିବା ଏକ ବରଗଛ ମୂଳେ ଅଟକିଗଲେ। ଦହି ବିକିବାକୁ ଆସିଥିବା ମାଣିକ ଗଉଡୁଣୀ ଗଛ ମୂଳେ ଘୁମାଇ ପଡ଼ିଥାନ୍ତି। ଘୋଡ଼ାର ଟପ୍ ଟପ୍ ଶବ୍ଦ ଶୁଣି ହଠାତ୍' ମାଣିକର ନିଦଟା ଭାଙ୍ଗିଗଲା। ସେ ଦେଖିଲା ଦୁଇଜଣ ପାଇକ ସୈନିକ କଳାଧଳା ଘୋଡ଼ାଚଢ଼ି ଏଇ ଗଛମୂଳେ ଅଟକିଛନ୍ତି। ସେ ଦୁଇଜଣଙ୍କୁ ଦହି ପିଇବାକୁ ଦେଲେ। ହେଲେ ଦହି ବାବଦକୁ ପାଉଣା ଦେବାକୁ ପାଖରେ କଉଡ଼ି ନ ଥିବାରୁ ସେମାନେ ହସ୍ତରୁ ରତ୍ନମୁଦିକୁ ବନ୍ଧକ ଦେଇ କହିଲେ, ପଛରେ ରାଜା ସୈନ୍ୟଧରି ଆସୁଛନ୍ତି। ଏହାକୁ ଦେଖାଇଲେ ତୁମର ପ୍ରାପ୍ୟ ପାଇଯିବ। ସତକୁସତ କିଛି ସମୟ ପରେ ଗଜପତି ମହାରାଜା ଶ୍ରୀପୁରୁଷୋତ୍ତମ ଦେବ ଆସି ପହଞ୍ଚିଯାଇଥିଲେ। ମାଣିକ ଗଜପତିଙ୍କୁ ଦେଖି ରତ୍ନମୁଦ୍ରିକାକୁ ବଢାଇ କହିଲେ ନିଅନ୍ତୁ ମଣିମା। କିନ୍ତୁ ମାଣିକ ହାତରେ ରତ୍ନମୁଦ୍ରିକାକୁ ଦେଖି ଚମକି ପଡ଼ିଲେ ଗଜପତି ଶ୍ରୀପୁରୁଷୋତ୍ତମ ଦେବ। ଗଜପତି ପଚାରିଲେ, ସତ କୁହ ମା' ଏ ମୁଦ୍ରିକା ତତେ କିଏ ଦେଲା। ଡ଼ରିଯାଇ ମାଣିକ କହିଲେ ସତ କହୁଛି ମଣିମା, ମୋର କିଛି ଦୋଷ ନାହିଁ । ଦୁଇ ପାଇକ ମୋ ହାଣ୍ଡିକ ଯାକ ଦହି ପିଇ ମୋତେ ଏ ମୁଦି ଦେଇ କହିଛନ୍ତି, ଏ ମୁଦି ରାଜାଙ୍କୁ ଦେଇ ତୁ ତୋ ପାଉଣା ନେଇଯିବୁ। ଏକଥା ଶୁଣି ଗଜପତି ମହାରାଜାଙ୍କ ଆଖିରୁ ଲୁହ ଝରିଆସିଲା। ସଜଳ ନୟନରେ ମାଣିକଙ୍କୁ ଚାହିଁ କହିଲେ, ମା' ମାଣିକ ତୁ କେତେ ଭାଗ୍ୟବତୀ, ତୁ ଆଜି ବ୍ରହ୍ମାଣ୍ଡ କର୍ତ୍ତାଙ୍କୁ ନିଜ ହାତରେ ଦହି ଖୁଆଇ ଦେଇଛୁ। ତୁ ଧନ୍ୟ, ତୋର ପିତା ମାତା ଧନ୍ୟ। ତୋର ଏଇ ଜନ୍ମମାଟି ଧନ୍ୟ। ଆଜିଠାରୁ ଏହି ଅଞ୍ଚଳ '**ମାଣିକ ପାଟଣା**' ନାଁରେ ନାମିତ ହେଲା। ଡକ୍ଟର ଅଭିମନ୍ୟୁ ଜେନାଙ୍କ ଲିଖିତ 'ଚିଲିକା ଓ ଶ୍ରୀଜଗନ୍ନାଥ' ପୁସ୍ତକ ପୃ–୧୪୫ରୁ ଜଣାପଡ଼େ– ଅତିତରେ ମାଣିକପାଟଣା ବନ୍ଦରଠାରେ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ରଙ୍କ ମଧ୍ୟସ୍ଥତାରେ ଗଜପତି ଦିବ୍ୟସିଂହ ଦେବ ଓ ନବାବ ଏକରାମ ଖାଁଙ୍କ ମଧ୍ୟରେ ଗୋପନୀୟ ନିଷ୍ପତ୍ତି ହୋଇଥିଲା। ଯାହା ଶ୍ରୀମନ୍ଦିର ଆକ୍ରମଣ ନ କରିବା ନିମନ୍ତେ ତଥା ସୁରକ୍ଷା ଉଦ୍ଦେଶ୍ୟରେ ଏହା ଥିଲା ନିଷ୍ପତ୍ତିର ଗୋପନୀୟ ସ୍ଥାନ। ସେହିଭଳି ଐତିହାସିକଙ୍କ ଗବେଷଣାରୁ ଜଣାପଡ଼େ ଅତୀତରେ ମାଣିକପାଟଣାଠାରେ ଏକ ବନ୍ଦର ରହିଥିଲା। ମାଣିକପାଟଣାର ସୌଦାଗର ସନାତନ ପୁଅ ଭ୍ରମରବର ରଙ୍ଗବତୀଙ୍କୁ ବିବାହ କରିବା ପାଇଁ ଯୋଗୀବେଶ ସାଜିଥିଲେ। ଏକ ପଦ୍ମପୋଖରୀ ପାଖରେ ଦୁହେଁ ମିଳିତ ହେଉଥିଲେ। ସୌଦାଗରଙ୍କର ଏକ ସୁରକ୍ଷା ମହଲ ଥିଲା। ଏହା ସେତେବେଳେ ନୌକା ବ୍ୟବସାୟୀ ଓ ବାଟୋଇଙ୍କୁ ଆଶ୍ରୟ ଦେଉଥିଲା। ମାତ୍ର ସମୟକ୍ରମେ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ସମୁଦ୍ର ପାଣି ପଶିଆସିବା ପରେ ମାଣିକପାଟଣା ବନ୍ଦର ସହ ସେହି ମୁଳ ଗାଁଟି ନାହିଁ। ପରେ ପୁନଃ ଗଢି ଉଠିଥିବା ମାଣିକପାଟଣା ପଞ୍ଚାୟତ ଏବେ ବି ରହିଛି। ଏ ସମ୍ପର୍କରେ ଅଧିକଗବେଷଣାର ଆବଶ୍ୟକତା ରହିଛି। ଏହି ଅଞ୍ଚଳକୁ ଆସିବାକୁ ହେଲେ ଶ୍ରୀକ୍ଷେତ୍ର ପୁରୀଠାରୁ ବ୍ରହ୍ମଗିରି ବଜାରଦେଇ ପ୍ରାୟ ୪୪ କିମି ଦୂର– ସାତପଡ଼ା ଅଭିମୁଖେ ଆସିଲେ ପଡ଼ିବ ଗବକୁଣ୍ଡ–ମିର୍ଜାପୁର ରାସ୍ତାରେ ଦହିଖିଆ ଛକ। ଏଠାରୁ ବାମପଟ ରାସ୍ତାରେ ପ୍ରାୟ ୪କିମି ଦୂରରେ ରହିଛି ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ମାଣିକପାଟଣା ଗ୍ରାମପଞ୍ଚାୟତର ମିର୍ଜାପୁର, ରାୟପୁର, ପଦ୍ମପୁର, ଭଗବାନପୁର, ବ୍ରହ୍ମପଡ଼ା। ସେତେବେଳେ ମୋଗଲ ସାମ୍ରାଜ୍ୟର ମୁସଲମାନ ଲୋକମାନେ ଭଗବାନପୁର ଗାଁରେ ବସତି ସ୍ଥାପନ କରିଛନ୍ତି। ମାଣିକ ପାଟଣା ଗ୍ରାମ ନିକଟରେ ନୀଳାମ୍ବୁ ଚିଲିକାକୂଳ ଓ ଅନିତ ଦୂରରେ ରହିଛି ବଙ୍ଗୋପସାଗର। –**ବନବିହାରୀ ବେହେରା**




# ସୁନ୍ଦର କିନ୍ତୁ ଭୟଙ୍କର




**ସମୁଦ୍ରଗର୍ଭରେ ଅନେକ ପ୍ରକାର ମାଛ ଅଛନ୍ତି। କିଛି ମାଛ ଖାଇବାକୁ ବେଶ୍ ସୁସ୍ୱାଦୁ ହେବାବେଳେ କିଛି ମାଛ ଖାଦ୍ୟପୋଯୋଗୀ ନୁହନ୍ତି। ଆଉ କିଛି ମାଛ ତ ଦେଖିବାକୁ ଖୁବ୍ ସୁନ୍ଦର ହୋଇଥାନ୍ତି। ତେବେ ଏହି ସୁନ୍ଦର ମାଛ ମଧ୍ୟରେ କିଛି ଦେଖିବାକୁ ଭଲ ଲାଗିଲେ ବି ପ୍ରକୃତି ତାଙ୍କର ଥାଏ ଖୁବ୍ ଭୟଙ୍କର...**











✼ **ଷ୍ଟୋନ ଫିସ୍:** ସମୁଦ୍ରର ଗଭୀର ଜଳରାଶିରେ ଏହି ମାଛ ଦେଖିବାକୁ ମିଳେ। ରଙ୍ଗୀନ ପଥର ପରି ଏହାର ରୂପ ହୋଇଥିବାରୁ ହଠାତ୍ ଏହାକୁ ଚିହ୍ନିବା ସମ୍ଭବ ହୁଏ ନାହିଁ। ଆକାର ଦୃଷ୍ଟିରୁ ଏହା ବେଶି ବଡ଼ ଦେଖା ଯାଉ ନଥିଲେ ବି ଏହି ମାଛର ଦେହରେ ଭରି ରହିଥାଏ ଭୟଙ୍କର ବିଷ। ଯଦି ଭୁଲ୍ ବଶତଃ ଅନ୍ୟ କୌଣସି ସାମୁଦ୍ରିକ ଜୀବର ଶରୀର ଏହି ମାଛ ଦେହରେ ଘସି ହୋଇଯାଏ, ତା'ହେଲେ ଏହି ମାଛ ତତ୍କ୍ଷଣାତ୍ ନିଜ ଶରୀରରୁ ବିଷ ନିର୍ଗତ କରିଥାଏ। ଆଉ ସେହି ବିଷର ଜ୍ୱାଳା ଖୁବ୍ ଭୟଙ୍କର ହୋଇଥିବାରୁ ଅନ୍ୟ ଜୀବଟିର ଜୀବନ ପ୍ରତି ବିପଦ ଦେଖାଯାଇଥାଏ। ଏପରିକି କୌଣସି ବ୍ୟକ୍ତିଙ୍କର ଯଦି ପାଦ ଏହି ମାଛ ଉପରେ ପଡିଯାଏ, ତା'ହେଲେ ସଙ୍ଗେସଙ୍ଗେ ତାଙ୍କ ପାଦରେ ଇନ୍‌ଫେକ୍‌ସନ୍ ହୋଇଯିବାର ସୂଚନା ରହିଛି।

✼ **ୟେଲୋ ବକ୍ସଫିସ୍:** ଏକ ଛୋଟ ବକ୍ସ ପରି ଏହାର ଶରୀର ଦେଖାଯାଇଥାଏ। ତା'ସାଙ୍ଗକୁ ହଳଦିଆ ରଙ୍ଗ ଏହାକୁ ବେଶ୍ ମାନିଥାଏ। ହଳଦିଆ ରଙ୍ଗର ଶରୀର ଉପରେ କଳା ପୋଲ୍‌କା ଡଟ୍ ପରି ସ୍ପଟ୍ ଥିବାରୁ ଏହା ଦେଖିବାକୁ ବେଶ୍ ଆକର୍ଷଣୀୟ ଲାଗେ ; ସେଥିପାଇଁ ଏହାକୁ ୟେଲୋ ବକ୍ସଫିସ୍ କୁହାଯାଏ। ଏହି ମାଛକୁ ମୁଖ୍ୟତଃ ପ୍ରଶାନ୍ତ ମହାସାଗର, ହିନ୍ଦ୍ ମହାସାଗର ଏବଂ ଅଟଲାଣ୍ଟିକ୍ ମହାସାଗରରେ ଦେଖିବାକୁ ମିଳିଥାଏ। ମାତ୍ର ୪୫/୪୬ ସେଣ୍ଟିମିଟର ଲମ୍ବା ବିଶିଷ୍ଟ ଏହି ମାଛ କିନ୍ତୁ ଦୁଃଖୀ ହେଲେ କିମ୍ବା ଏହାର ଶରୀରର କୌଣସି ସ୍ଥାନରେ କ୍ଷତ ହୋଇଗଲେ, ଏହା ନିଜ ଶରୀରରୁ ଏକ ପ୍ରକାରର ଟକ୍ସିକ୍ ଛାଡେ, ଯାହା ଅନ୍ୟ ଜୀବଙ୍କ ପାଇଁ ଜଟିଳ ପରିସ୍ଥିତି ସୃଷ୍ଟି କରିଥାଏ।

✼ **ପଫର୍ ଫିସ୍:** ଏହା ପାଣି ଭିତରେ ସାଧାରଣ ମାଛ ପରି ପହଁରୁଥାଏ। କିନ୍ତୁ ବିପଦର ସଙ୍କେତ ମିଳିବା ମାତ୍ରେ ଏହା ନିଜକୁ ରକ୍ଷା କରିବା ପାଇଁ ଶରୀରକୁ ଫୁଲାଇ ବଡ଼ ଦେଖାଯିବାକୁ ଚେଷ୍ଟା କରିଥାଏ। ସେଥିପାଇଁ ଏହାକୁ କେହି କେହି ସ୍ୱେଲ୍ ଫିସ୍ ଅଥବା ବ୍ଲୋ ଫିସ୍ ବୋଲି ବି କହିଥାନ୍ତି। ଆକାର ଦୃଷ୍ଟିରୁ ଏହା ଗୋଲମୋଟଲ ଦେଖାଯାଉଥିବାରୁ ଭାରୀ ସୁନ୍ଦର ଲାଗିଥାଏ ସତ କିନ୍ତୁ ଏହି ମାଛର ଶରୀରରେ ବି ଭୟଙ୍କର ବିଷ ଭରି ରହିଥାଏ। ସେଥିପାଇଁ ଏହାକୁ ଛୁଇଁବା ସମୟରେ ବେଶ୍ ସତକର୍ତ୍ତା ଅବଲମ୍ବନ କରିବାକୁ ହୋଇଥାଏ।

✼ **ରେଡ୍ ଲାୟନ୍ ଫିସ୍:** ଶରୀରରେ ହାଲ୍‌କା ନାଲି ରଙ୍ଗର ଗାର ସାଙ୍ଗକୁ ଛିଟ ଛିଟ ଦାଗ, ତା'ସହିତ ପୁଣି ଏକାଧିକ ଡେଣା ଏହାକୁ ଆକର୍ଷଣୀୟ ରୂପ ଦେଇଥାଏ। ଆକାରରେ ଛୋଟ ଦେଖାଯାଉଥିଲେ ହେଁ, ଏହି ମାଛ ଦେହରେ ଯେଉଁ ସରୁ ସରୁ ଡେଣା ରହିଥାଏ, ସେଥିରେ ଭରି ରହିଥାଏ ଭୟଙ୍କର ବିଷ। ଯାହାର ଆଘାତ ମାତ୍ରେ ହିଁ କୌଣସି ଜୀବ ହେଉ ଅବା ପ୍ରାଣୀଙ୍କର ଜୀବନ ପ୍ରତି ବିପଦ ମାଡି ଆସିଥାଏ।

✼ **ମୋରେ ଇଲ୍ ଫିସ୍:** ଏହି ମାଛର ଶରୀର ଦେଖିବାକୁ ଲମ୍ବା ଆଉ ପତଳା ହୋଇଥାଏ। ଏହା ମୁଖ୍ୟତଃ ସମୁଦ୍ର ପୃଷ୍ଠରେ ଥିବା ଗୁମ୍ଫା ସଦୃଶ ଚଟାଣରେ ଲୁଚି ରହିବାକୁ ପସନ୍ଦ କରିଥାଏ। ଆଉ ଶିକାର ପାଖକୁ ଆସିବା ମାତ୍ରେ ଏହା ତତ୍କ୍ଷଣାତ୍ ସେହି ଚଟାଣ ଭିତରୁ ବାହାରି ଆସି ଶିକାରକୁ କାବୁ କରି ନେଇଥାଏ। ସବୁଠୁ ବଡ଼ କଥା ହେଉଛି ଏହି ମାଛର ଖୁବ୍ ତୀକ୍ଷ୍ଣ ଦାନ୍ତ ରହିଥାଏ। ଥରେ ଏହା ଶିକାରକୁ ଦାନ୍ତରେ କାମୁଡି ଧରିଲେ ତାହା ସହଜରେ ଆଉ ମୁକୁଳି ପାରେନାହିଁ। ତା'ଛଡ଼ା ଏହି ମାଛର ଆଘ୍ରାଣ ଶକ୍ତି ଖୁବ୍ ପ୍ରଖର ହୋଇଥାଏ ବୋଲି ସୂଚନା ରହିଛି। ଯେଉଁଥିପାଇଁ ଏହା ଚଟାଣ ଭିତରେ ଲୁଚି ରହିଥିଲେ ବି ଶିକାରର ବାସ୍ନା ଶୁଙ୍ଘି ଆକ୍ରମଣ କରିବାରେ ସଫଳ ହୋଇଥାଏ।




# ବହୁମୁଖୀ ବଦ୍ରି ମିଶ୍ର

**ଜୀବନ ତାଙ୍କର ଏମିତି ଏକ ମୂଲ୍ୟବାନ ବହି ଯାହାର ପ୍ରତି ଫର୍ଦ୍ଦରେ ସମାଜ ପାଇଁ କାମ ସବୁ ରହିଛି ଲେଖିହୋଇ। ସେ ହେଲେ ବଦ୍ରି ମିଶ୍ର, ଯାହାଙ୍କ ଆଖିଦୃଶିଆ ସାମାଜିକ କାମ ତାଙ୍କ ପରିଚୟ...**

**ସେ** ସର୍ବଗୁଣସମ୍ପନ୍ନ। କାର୍ଯ୍ୟର ବିବିଧତା ଓ ସାମାଜିକ ପ୍ରତିବଦ୍ଧତା ତାଙ୍କୁ କେବଳ ଶ୍ରୀକ୍ଷେତ୍ରରେ ନୁହେଁ ରାଜ୍ୟର କୋଣ ଅନୁକୋଣରେ ଲୋକପ୍ରିୟ କରେଇଛି। ତାଙ୍କୁ ଭେଟିହେବ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଚାରାକୁ ଛୁଆଭଳି ଯତ୍ନରେ ରୋପୁଥିଲାବେଳେ। ଏଯାବତ୍ ଏକ ଲକ୍ଷ ୧୯ ହଜାର ୨୩୪ ଗଛ ଲଗେଇଥିବା ଏହି ଗଛ ମଣିଷ ଗଛ ଭଳି ନିଜକୁ ବି ନିଗାଡି ପାରନ୍ତି କାହା କାହାକୁ ରକ୍ତଦାନ ବେଳେ। ପଞ୍ଚଷଠି ବର୍ଷ ବୟସର ଜୀବନକାଳ ଭିତରେ ୧୧୦ ଥର ରକ୍ତଦାନ କରି ମଣିଷମାନଙ୍କ ପାଇଁ ଜୀବନଦାୟୀ ପାଲଟୁଥିବା ମଣିଷ ଜଣକ ପୁଣି ବାପା, ଭାଇ, ବନ୍ଧୁ କୁଟୁମ୍ବ ପାଲଟି ମଣିଷର ଶବସଂସ୍କାର କରୁଥାଆନ୍ତି ସକଳ ରୀତି ଓ ପଦ୍ଧତିରେ ଶ୍ମଶାନରେ। ୧୧୫୧ ଗୋଟି କୋକେଇରେ କାନ୍ଧ ଦେଇଛନ୍ତି ଏଯାବତ। ଗୀତି କବିତା ରଚନା କରୁଥିବା ଏହି କବି ନିଜେ ଜଣେ ସୁଗାୟକ । ସଙ୍ଗୀତ ତାଙ୍କ ରକ୍ତରେ । ଅଭିନୟ ତାଙ୍କର ରୁଚି। ନିୟମିତ ବ୍ୟବଧାନରେ ତାଙ୍କ କଲମରେ ଗୁଞ୍ଜେରେ ଗଳ୍ପ, କବିତା, ବ୍ୟଙ୍ଗ, ସ୍ତମ୍ଭ ଓ ପ୍ରବନ୍ଧ ଅତ୍ୟନ୍ତ ରୋଚକ ଶବ୍ଦରେ। ସେ ଲଢ଼ିପାରନ୍ତି ଏକୁଟିଆ ଅନୀତି ବିରୁଦ୍ଧରେ। ସ୍ୱାଭିମାନକୁ ଆୟୁଧ କରି ସରକାରୀ ଚାକିରୀ ପରିତ୍ୟାଗ କରନ୍ତି ଏବଂ ଦିନ ମଜୁରିଆର ପରିଚୟରେ ନିଜକୁ ଆଭୂଷିତ କରେଇ ନିଜ ଜୀବନଚର୍ଯ୍ୟାକୁ କଳାତ୍ମକ ଢଙ୍ଗରେ ଜିଇଁ ଜାଣନ୍ତି । ପବିତ୍ର ପୁରୀର ବଡ଼ଦାଣ୍ଡକୁ ଆମିଷମୁକ୍ତ କରିବାକୁ ସେ ସାମିଲ କରନ୍ତି ନିଜକୁ ଲଢେଇରେ । ଅରୁଚିକର ଭଜନ ବିରୋଧି ଆନ୍ଦୋଳନର ନେତୃତ୍ୱ ନେଇ ସୁଚେଇ ଦେଇପାରନ୍ତି ସଙ୍ଗୀତର ପବିତ୍ରତା ଜଗନ୍ନାଥମୟ ପରିବେଶରେ। ତମାଖୁମୁକ୍ତ ଭାରତ ପାଇଁ ସ୍ୱାସ୍ଥ୍ୟ ସଚେତନତା ତିଆରି କରୁଥାନ୍ତି। ଆପଣା ଭାଷା ଓ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ରାଜ୍ୟ ବାହାରେ ସାତଟି ଭାଗବତ ଟୁଙ୍ଗୀ ପ୍ରତିଷ୍ଠା କରିବା ସଙ୍ଗେ ସଙ୍ଗେ ହଜାରରୁ ଉର୍ଦ୍ଧ୍ୱ ଶିକ୍ଷାର୍ଥୀଙ୍କୁ ମୁକ୍ତ ଶିକ୍ଷାଦାନ କରିଛନ୍ତି। ଜୀବନ ତାଙ୍କର ଏମିତି ଏକ ମୂଲ୍ୟବାନ ବହି ଯାହାର ପ୍ରତି ଫର୍ଦ୍ଦରେ ସମାଜ ପାଇଁ କାମ ସବୁ ରହିଛି ଲେଖିହୋଇ। ସେ ଆଉ କେହି ନୁହଁନ୍ତି ପୁରୀ ସହରର ଜଣେ ଜଣାଶୁଣା ବ୍ୟକ୍ତିତ୍ୱ **ବଦ୍ରି ମିଶ୍ର** ଯାହାଙ୍କ ଆଖିଦୃଶିଆ ସାମାଜିକ କାମ ତାଙ୍କ ପରିଚୟ।

ଫେବୃଆରୀ ପାଞ୍ଚ ୧୯୫୯ରେ ଶ୍ରୀମନ୍ଦିର ମାର୍ଗ , ପୁରୀରେ ଜନ୍ମିତ ବଦ୍ରିମିଶ୍ରଙ୍କ ଭକ୍ତି, ପ୍ରେରଣା ଓ ଶକ୍ତି ହେଉଛନ୍ତି ଜଗତର ନାଥ ଶ୍ରୀଜଗନ୍ନାଥ । କ୍ୟାପିଟାଲିଆ ହଡ଼ା, ମଣିଷ ଭାଲୁ, ଛେଳି, ନେତା ଭାବବତ, ଶବ୍ଦବ୍ରହ୍ମ, ସ୍ମୃତି ସେଯେ ଭୁଲିବାର ନୁହେଁ, ମୋ ଗଛ– ମୋ ଜୀବନ, Even tree can speak , ରକ୍ତବୀରର କଥା ଭଳି ଅନେକ ପୁସ୍ତକର ରଚୟିତା ବଦ୍ରି ମିଶ୍ର ବିଭିନ୍ନ ପତ୍ରପତ୍ରିକା, ବୈଦ୍ୟୁତିକ ଗଣମାଧ୍ୟମରେ ସମ୍ପାଦନା କାର୍ଯ୍ୟ ମଧ୍ୟ ସମ୍ପାଦନା କରିଛନ୍ତି। କେଉଁଠି ସଭାପତି ତ କେଉଁଠି ସମ୍ପାଦକ, କାର୍ଯ୍ୟକାରୀ ସମ୍ପାଦକ ଓ ଉପଦେଷ୍ଟା ହୋଇ ଶ୍ରୀ ଜଗନ୍ନାଥ ଧର୍ମ ସୁରକ୍ଷା ସଂଗଠନ, ଓଡିଶା ଯୁବ ଚେତନା ସଂଗଠନ, ନିର୍ମାଲ୍ୟ , ଭକ୍ତି ନିର୍ମାଲ୍ୟ, ମିଶନ ଓଡିଶା, ଶ୍ରୀକ୍ଷେତ୍ର ପୁସ୍ତକମେଳା, ସୁନାବେଶ ଭଜନ ସମାରୋହ, ଲୋକମେଳା ଓ କୃଷିମେଳା, ପଦ୍ମଶ୍ରୀ ମାଗୁଣି ଦାସ ଗୋଟିପୁଅ ସଂସଦ ଆଦି ଅନୁଷ୍ଠାନମାନଙ୍କରେ ସେ ଦାୟିତ୍ୱ ନିର୍ବାହ କରିଛନ୍ତି, କରୁଛନ୍ତି ଆଉ କେଉଁଠି କରିଆସୁଛନ୍ତି । ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସେ ୧୯୯୪ରେ ନେଫେଡା, ୨୦୧୯ରେ ଉତ୍କଳରତ୍ନ , ୨୦୨୦ ରେ ପ୍ରଣମ୍ୟ ଗୁରୁ, ୨୦୨୩ରେ ପ୍ରକୃତିବନ୍ଧୁ ଉପାଧି ପ୍ରାପ୍ତ ହୋଇଛନ୍ତି । ଓଡିଶା ସଙ୍ଗୀତ ଏକାଡେମୀ ପୁରସ୍କାର, ବିଜୁ ପଟ୍ଟନାୟକ ଯୁବ ପୁରସ୍କାର, କୋଣାର୍କ ପୁରସ୍କାର, ସାରଳା ଭାଷା ପୁରସ୍କାର, ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ପୁରସ୍କାର, ଆଇକନ ଫର ୟୁଥ, ଉତ୍କଳ ସାହିତ୍ୟ ସମାଜ ପୁରସ୍କାର ହାସଲ କରିଥିବା ବଦ୍ରୀ ମିଶ୍ର ଦଧିଚୀ ସମ୍ମାନ, ରକ୍ତବୀର ସମ୍ମାନ, ସୁଦର୍ଶନ ସମ୍ମାନ, ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ମାନ, ଆଚାର୍ଯ୍ୟ ବିନୋବା ଭାବେ ସମ୍ମାନ, ଅତିବଡ଼ି ଜଗନ୍ନାଥ ଦାସ ସଂସ୍କୃତି ସମ୍ମାନ, ଶ୍ରେଷ୍ଠ ଗଣମାଧ୍ୟମ ସମ୍ମାନ, ଜାତୀୟ ଲୋକଗୀତ ସମ୍ମାନ, ଗୀତଦେ ଛନ୍ଦ ସମ୍ମାନ, ଗଛ ମଣିଷ ସମ୍ମାନ ଆଦି ଅନେକ ସମ୍ମାନରେ ସମ୍ମାନିତ ହୋଇଛନ୍ତି ।














ବଦ୍ରି ମିଶ୍ର ଏବେବି ସାମାଜିକ ଜୀବନରେ ସକ୍ରିୟ। କାର୍ଯ୍ୟ ଅର୍ଥ ସମ୍ମାନଯୋଗ୍ୟ ମନେ କରୁଥିବା ବଦ୍ରି ମିଶ୍ର ଦିନ ମଜୁରିଆ ବୋଲି କେବେ ଲଜ୍ଜିତ ହୁଅନ୍ତି ନାହିଁ । ସୁନ୍ଦର ବେଶ ପୋଷାକରେ ଥାଇ ଯୁବ ସୁଲଭ ଉଦ୍ଦୀପନାର ସହ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟରେ ସାମିଲ ହୁଅନ୍ତି। ଏହା ଅନେକଙ୍କ ପାଇଁ ପ୍ରେରଣାର ବିଷୟ ନିଶ୍ଚୟ।

**–ମାନମୟୀ ରଥ**
*ଅଧ୍ୟକ୍ଷା, ସେଣ୍ଟ ଜାଭିଅର କିଡ୍ସ , ବାଲୀପୁଟ ପୁରୀ*
*ମୋ: ୭୯୭୮୫୭୯୩୯୯*



# ଝରକା

–ଜ୍ୟୋତିର୍ମୟୀ ସାହୁ

ସ୍ୱାମୀଙ୍କ ଚାକିରିରେ ବଦଳି ହେତୁ ଆମକୁ ନୂଆ ଜାଗାକୁ ଯିବାକୁ ପଡ଼ିଲା । ସେଠି ଆସି ପ୍ରଥମ କାମ ଭଲ ଘରଟିଏ ଖୋଜାଯିବ । ୨ ଦିନର ଖୋଜାଖୋଜି ପରେ ଶେଷରେ ଘରଟିଏ ଚୟନ ହୋଇଗଲା, ୨ମହଲା ବିଶିଷ୍ଟ ହଳଦୀରଙ୍ଗର ସୁନ୍ଦର ଘରଟିଏ । ନୂଆ ଘରଟିରେ କିଛିଦିନ ରହିବା ପରେ ମୁଁ ଅନୁମାନକଲି ଯେ ଶୋଇବା ଘରକୁ ଲାଗିଥିବା ଝରକାଟି ମୋର ଅତି ପ୍ରିୟ ଜାଗା ପାଲଟିଯାଇଛି । ଦିନ ଯାକର ଅଧିକ ସମୟ ମୋର ଏହିଠାରେ ହିଁ ବିତେ । ଝରକାକୁ ଲାଗିରହିଥିବା ଖଟରେ ମୁଁ ବସି ପେପର ପଢ଼େ, ଲେଖାଲେଖି କରେ ଓ ଫୋନ୍‌ରେ ଲମ୍ବା ବାର୍ତ୍ତାଳାପ ମଧ୍ୟ ଏହି ଜାଗାରେ ହିଁ ହୋଇଥାଏ ।

ବାସ୍ତବରେ ଝରକାଟି ଥିଲା ଖୁବ୍ ବଡ଼ ଓ ସୁନ୍ଦର । ଏହା କାଠ ଓ ଗାଢ଼ ନୀଳ ରଙ୍ଗର କାଚରେ ତିଆରି ହୋଇଥିଲା । ଆଗରେ ଲୁହା ଗ୍ରୀଲ୍ ଲାଗିଥିଲା ଯେଉଁଥିରେ ପତ୍ର ଓ ଫୁଲ ଭରା ଡାଳିମାନ ତିଆରି ହୋଇ ଆକର୍ଷଣୀୟ ରଙ୍ଗ ଦିଆଯାଇଥିଲା । ଆମେ ସେ ଘରକୁ ଆସିବା ପରେ ମଶାଙ୍କ ଦାଉରୁ ରକ୍ଷାପାଇବା ପାଇଁ ପତଳା ଲୁହା ଜାଲିଟିଏ ଲଗାଇ ଦେଇଥିଲୁ । ବାସ୍, ଏଥର ଝରକାଟି ସମ୍ପୂର୍ଣ୍ଣ ସୁରକ୍ଷିତ ହୋଇ ଯାଇଥିଲା ଆମ ପାଇଁ । ତେଣୁ ସବୁବେଳେ ଏହା ପ୍ରାୟ ଅଧା ଖୋଲା ବା ଖୋଲା ରହୁଥିଲା । ଶୀତଳ ପବନ ସହ ସୂର୍ଯ୍ୟଙ୍କ ସୁନେଲି କିରଣ ଓ ପୂନେଇଁ ରାତିରେ ଜହ୍ନ ର ଶୁଭ୍ର ଆଲୋକ ଏଇ ବାଟ ଦେଇ ଶୋଇବା ଘର ଭିତରକୁ ପଶି ଆସୁଥିଲା ।

ଏ ସବୁ ପ୍ରାକୃତିକ ଶୋଭା ବ୍ୟତୀତ ଆହୁରି ଅନେକ କିଛି ଏଇ ଝରକା ମାଧ୍ୟମରେ ମୋତେ ଦେଖିବାକୁ ମିଳୁଥିଲା । ଅବେଳରେ କିଏ କଲିଂ ବେଲ୍ ବଜାଇଲା । ରାସ୍ତାକୁ କ'ଣ ବିକ୍ରି ଆସିଲା ଓ ପରିଶେଷରେ ଝରକାର ଠିକ୍ ସାମ୍ନା ରେ ରହୁଥିବା ମାରୱାଡ଼ି ପଡ଼ୋଶିନୀର କର୍ମଠ ଜୀବନଶୈଳୀ, ସକାଳ ୪.୩୦ ରେ ତାଙ୍କ ଗ୍ରୀଲ୍ ଖୋଲେ, ୫ଟାରେ ପୂଜାଘଣ୍ଟି ଶୁଭେ, ତା' ପରେ ଚା' ଜଳଖିଆ ସାରି ଆରମ୍ଭ ହୋଇଯାଏ ଘରର ସ୍ୱଚ୍ଛତା ଅଭିଯାନ । ମାରୱାଡ଼ି ମହିଳା ଜଣକ ନିଜ ଘରକୁ ଏପରି ପରିଷ୍କାର କରନ୍ତି ଯେ ଝରକା କବାଟ ସବୁ ଗାଧୋଇ ପଡ଼ନ୍ତି, ଘରଟି ସବୁବେଳେ ଚକ୍ ଚକ୍ କରୁଥାଏ । ଝରକା ପଟୁ ତାଙ୍କୁ ଦେଖି ମୁଁ ଅନୁପ୍ରାଣିତ ହୋଇଥାଏ । ମୋ ଘର ଏମିତି ଚକ୍ ଚକ୍ କରିବା ପାଇଁ ହେଲେ ଆମର ସେହି ଚିରାଚରିତ ବାହାନାକୁ ଉପସ୍ଥାପିତ କରି ମୁଁ ପଛଘୁଞ୍ଚା ଦେଇଦିଏ ଯେ ଆମ ଓଡ଼ିଆଙ୍କର ତ ରୋଷେଇ କରୁ କରୁ ବେଳ ସରୁଛି, ଘରକୁ ଏତେ ଚମକେଇବା ପାଇଁ ଫୁର୍‌ସତ କାଇଁ ।

ସତ କହିବି ତ, ଏଇ ଝରକାଟି ମୋ ପାଇଁ ଏତେ ଉପଯୋଗୀ ଓ ସୁରକ୍ଷିତ ହୋଇଯାଇଥିଲା ଯେ ସ୍ୱାମୀ ଯେତେବେଳେ କୌଣସି କାରଣରୁ ରାତିରେ ଘରକୁ ଫେରିପାରନ୍ତିନି, ସେତେବେଳେ ମୁଁ ଭୟବଶତଃ ସବୁ କବାଟ ଝରକା ଏପରିକି ଶୋଇବା ଘର କବାଟ ବି ତାଲା ପକାଇଦିଏ । କିନ୍ତୁ ଏହି ଝରକାଟି ଅଧା ଖୋଲା ରଖେ, କାରଣ ଏହା ମୋତେ ସୁରକ୍ଷାର ଆଶ୍ୱାସନା ଦିଏ ଯେ ଯଦି କିଛି ଅଘଟଣ ଘଟେ ତେବେ ଏଇ ଖୋଲା ଝରକା ମାଧ୍ୟମରେ ମୁଁ କାହାକୁ ଡାକିପାରିବି ।

କିନ୍ତୁ ସେଦିନ ଯେତେବେଳେ ଭୋର ୫ଟାରୁ ଉଠି ଶୀତଳ ପବନ ଝଲକାଏ ଖାଇବା ପାଇଁ ଅଧାଖୋଲା ଝରକା ପାଖରେ ଠିଆ ହୋଇଗଲି, ଦେଖିଲି ଯେ ସାମ୍ନା ମାରୱାଡ଼ି ଘରୁ ୨ ଜଣ ପଡ଼ୋଶୀ ମୁହଁ ଶୁଖେଇ ବାହାରି ଆସୁଛନ୍ତି । କ'ଣ ଅଘଟଣ ହେଲା ବୋଲି ଭାବି ଯେତେବେଳେ କବାଟ ଖୋଲି ତାଙ୍କୁ ପଚାରେ ସବୁ ଚୋରି ହୋଇଗଲା ବୋଲି ସେମାନେ ଉତ୍ତର ଦେଲେ । କେମିତି ? ? ଘରେ ତ ସମସ୍ତେ ଥିଲେ, କବାଟ , ଗ୍ରୀଲ୍ ସବୁ ଠିକ୍ ଦେଖାଯାଉଛି । ମୁଣ୍ଡରେ କିଛି ପଶିଲାନି ଶେଷରେ ତଳକୁ ଓହ୍ଲାଇ ତାଙ୍କ ଘରେ ଯେତେବେଳେ ଦେଖେ ଅସମ୍ଭବ ଘଟଣାଟି ସମ୍ଭବ ହେଲା ପରି ଲାଗିଲା । ପ୍ରବଳ ଗରମ ଯୋଗୁ ମାରୱାଡ଼ି ଘର ସମସ୍ତେ ଏକାଠି ଏସି ଲାଗିଥିବା ବଖରାଟିରେ ଶୋଇଥିଲେ । ଏହାର ସୁଯୋଗ ନେଇ ଚୋରମାନେ ବେଡ୍‌ରୁମ୍ ପଛପଟ ଝରକାକୁ ଭାଙ୍ଗି, ଗ୍ରୀଲ୍ ତାଡ଼ି ଘରେ ପଶିଲେ ଓ ୧୦/୧୨ ଭରି ସୁନା, ଟଙ୍କା ପଇସା ଯାହା ଥିଲା ସବୁ ନେଇ ଫେରାର ହୋଇଗଲେ । ସିନ୍ଧି ଚୋର ନାମରେ ଖ୍ୟାତ ଏଇ ଝରକା, କବାଟ ତଡ଼ା ଚୋରମାନେ କୁଆଡ଼େ ପୂର୍ବ ୨ ରାତିରେ ବି ରାସ୍ତାକଡ଼ରେ ଥିବା ଅନ୍ୟ ୨ଟି ଘରୁ ଝରକା ତାଡ଼ି ଚୋରି କରିଥିଲେ ।

ପୋଲିସ ଆସିଲେ, ଅନୁସନ୍ଧାନୀ କୁକୁର ଆସିଲା, ଅନୁସନ୍ଧାନ ବି ଚାଲିଲା । ମାରୱାଡ଼ି ଘର ତା'ପରଦିନ ଘର ପଛପଟେ ଥିବା ସବୁ ଝରକାକୁ ଇଟା ସିମେଣ୍ଟ ଦେଇ ବନ୍ଦ କରିଦେଲେ । ଚାରିଆଡ଼େ ଭୟର ବାତାବରଣ ଖେଳିଗଲା ଏଇ ଝରକା ତଡ଼ା ସିନ୍ଧି ଚୋରଙ୍କ ପାଇଁ । ଲୋକମାନେ ରାତିରେ ନ ଶୋଇ ପହରାଦେବାକୁ ଲାଗିଲେ, ଆଉ ମୋର ଯେଉଁ ଝରକାଟି ମୋ ପାଇଁ ସୁଖ, ଶାନ୍ତି, ନିରାପତ୍ତାର ମାଧ୍ୟମ ବନିଥିଲା ତାହା ଏବେ ବିପଦପୂର୍ଣ୍ଣ ଅନୁଭବ ହେଲା । ଯେଉଁ ଝରକାଟି ରାତି ସାରା ଖୋଲା ରହୁଥିଲା ତାକୁ ଏବେ ଦିପହରେ ବି ଖୋଲିବାକୁ ଡର ଲାଗିଲା । ଯେଉଁ ଝରକାରୁ ବାହାରକୁ ଚାହିଁ ଦେଲେ ଆଖି ଆନନ୍ଦରେ ହସି ଉଠୁଥିଲା ସେ ବନ୍ଦ ଝରକାକୁ ଚାହିଁ ଚାହିଁ ଭୟରେ ରାତି କଟିଲା ।

ଶେଷରେ ନିଷ୍ପତ୍ତି ନିଆଗଲା ଯେ ଝରକା ତ ସମ୍ପୂର୍ଣ୍ଣ ବନ୍ଦ କରି ହେବନି ହେଲେ କାଚ୍ଛ ଖୋଲି ଆଉ ଏକ ଲୁହା ରଡ୍‌ର ବକ୍ସରେ ଝରକାକୁ ଆବଦ୍ଧ କରାଯିବ ଏବଂ ତାହା ହିଁ କରାଗଲା ।

ଆଉ ଦେଖୁ ଦେଖୁ ଗୋଟିଏ ରାତିରେ ହିଁ କାଠ, କାଚ, ଲୁହାରେ ତିଆରି ଝରକାଟିର ରୂପ ଗୁଣ ସବୁ ପରିବର୍ତ୍ତିତ ହୋଇଗଲା ।

–ଢେଙ୍କାନାଳ, ମୋ: ୮୨୬୦୪୮୪୯୪୮

# ବର୍ଷା ଓ କୃଷ୍ଣଚୂଡ଼ା

ସୁବ୍ରତ କୁମାର ପତି

ଦାରୁଣ ନିଦାଘର
ସ୍ପର୍ଶରେ ଅବିଚଳିତ ମୁଁ
ମୁଣ୍ଡ ଟେକେ
ରକ୍ତ ଲାଲ ସୌନ୍ଦର୍ଯ୍ୟକୁ ନେଇ

କଢିରେ ମୋର
ଯାଦୁକରୀ ସ୍ପର୍ଶ
ସମ୍ଭାବନାର ସ୍ୱାକ୍ଷର
ସୁନେଲି ସନ୍ଧିକ୍ଷଣର
ଆଶା ଆଶ୍ୱାସନାକୁ ନେଇ

ହେଇପାରେ
ତୁମ ସ୍ପର୍ଶରେ ଦୁନିଆ ପୁଲକେ
ସୃଷ୍ଟି ଆରମ୍ଭେ
କିନ୍ତୁ ମୁଁ ଚାହିଁ ନଥିଲି
କେବେବି ତୁମକୁ
ସ୍ୱପ୍ନରେ ବା ଜାଗରଣରେ !

କାହିଁକି ବିଧ୍ୱସ୍ତ
ମୋ ଦୁନିଆ
କାହିଁକି କ୍ଷତାକ୍ତ
ମୋ ଶରୀର
ତୁମ ଅକାରଣ, ଅନିଶ୍ଚିତ
ଅବାଞ୍ଛିତ ସ୍ପର୍ଶରେ ?

–ସତ୍ୟଭାମାପୁର, ଭୁବନେଶ୍ୱର
ମୋ: ୯୮୬୧୩୦୭୨୮୦



# ଦୁଇ ଶହରୁ ଜଣେ



ହୁମା

ହୁମା କ୍ୟୁରେସି ଯେଉଁଭଳି ଭାବରେ ହିନ୍ଦି ସିନେମାରେ ପ୍ରବେଶ କରିଥିଲେ ସେହି ସମୟକୁ ଆଦୌ ଭୁଲି ପାରୁନାହାନ୍ତି। ବଡ ପରଦାରେ ତାଙ୍କୁ ସୁଯୋଗ ଦେଇଥିଲେ ନିର୍ଦ୍ଦେଶକ ଅନୁରାଗ କଶ୍ୟପ। ଆଉ ଫିଲ୍ମଟି ଥିଲା 'ଗ୍ୟାଙ୍ଗ୍ସ ଅଫ୍ ୱାସେପୁର'। ହେଲେ ଏଥିରେ ନାୟିକା ଭୂମିକାରେ ଅଭିନୟ କରିବା ପୂର୍ବରୁ ତାଙ୍କୁ ଅଡିସନ ଦେବାକୁ ପଡିଥିଲା। ସେହି ଘଟଣାକୁ ନେଇ ହୁମା କହନ୍ତି, 'ଯେତେବେଳେ ମୁଁ ଅଡିସନ ପାଇଁ ନିର୍ଦ୍ଦିଷ୍ଟ ଷ୍ଟୁଡିଓରେ ପହଞ୍ଚିଲି, ସେଠାକାର ପରିବେଶ ଦେଖି ମୋର ପ୍ରାୟ ହୋସ୍ ଉଡିଯାଇଥିଲା। କାରଣ ମୁଁ ଭାବିଥିଲି ବୋଧହୁଏ ଅଳ୍ପ କେଇଜଣ ନବାଗତା ସେଠାରେ ଉପସ୍ଥିତ ଥିବେ। ହେଲେ ସେଦିନ ଅଡିସନ ପାଇଁ କେତେ ଜଣ ନବାଗତା ଥିଲେ ଜାଣନ୍ତି ? ୨୦୦ ଜଣ। ନିଜ ମନକୁ ସ୍ଥିର କରି ଅଡିଶନ ଦେଇଥିଲି। ଆଉ ଶେଷରେ ସେମାନଙ୍କ ମଧ୍ୟରୁ ନିର୍ଦ୍ଦେଶକ ମୋତେ ହିଁ ଚଏସ କରିଥିଲେ।' କେବଳ ଅଭିନୟ ନୁହେଁ ହୁମା ନିଜକୁ ସମାଜସେବା ସହ ଜଡିତ ରଖିଥାଆନ୍ତି। ସମୟ ମିଳିବା ମାତ୍ରେ ସେ ଅସହାୟ ଲୋକଙ୍କୁ ନିଜ ସାମର୍ଥ୍ୟ ଅନୁସାରେ ସାହାଯ୍ୟ କରନ୍ତି। ସିନେମାରେ କାମ କରିବା ପୂର୍ବରୁ ସେ ଥିଏଟର ସହ ଜଡିତ ଥିଲେ।

# ଆଶା ରଖିଥିଲେ ଆମୀର



ଥରେ ମନେ ପକାନ୍ତୁ ନା ରାମ ଗୋପାଳ ବର୍ମାଙ୍କ 'ରଙ୍ଗୀଲା'କୁ। ଏଥିରେ ଆମୀର ଖାଁ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। କେବଳ ସେତିକି ନୁହେଁ, ଏହି ଫିଲ୍ମ ପାଇଁ ସେ ଫିଲ୍ମଫେୟାର ଆୱାର୍ଡରେ ଶ୍ରେଷ୍ଠ ଅଭିନେତା ପୁରସ୍କାର ପାଇବାକୁ ଆଶା ବାନ୍ଧି ବସିଥିଲେ। କିନ୍ତୁ ୧୯୯୫ ଫିଲ୍ମ ଫେୟାର ଆୱାର୍ଡରେ ଆଉ କିଛି ଘଟିଥିଲା। କାରଣ ସେହି ବର୍ଷ ରିଲିଜ ହୋଇଥିଲା ଯଶ ଚୋପାଙ୍କ ବ୍ଲକ୍ ବଷ୍ଟର ଫିଲ୍ମ 'ଦିଲ୍‌ୱାଲେ ଦୁଲ୍‌ହନିୟାଁ ଲେ ଜାଏଙ୍ଗେ'। ଶାହରୁଖ–କାଜୋଲ ଅଭିନୀତ ଏହି ଚିତ୍ରଟି ସାମନାରେ 'ରଙ୍ଗୀଲା'ର ସଫଳତା ଫିକା ପଡିଯାଇଥିଲା। ତେଣୁ ଶାହରୁଖଙ୍କୁ ସେତେବେଳେ ଶ୍ରେଷ୍ଠ ଅଭିନେତା ପୁରସ୍କାର ମିଳିଲା। ଏହାପରେ ଆମୀରଙ୍କ ରାଗ ମୁଣ୍ଡକୁ ଚଢ଼ିଯାଇଥିଲା। ଆଉ ସେ ନିଷ୍ପତ୍ତି ନେଲେ ଯେ କୌଣସି ପୁରସ୍କାର ସମାରୋହକୁ ଯିବେ ନାହିଁ। ଏହି ଧାରାକୁ ବେଶ କିଛି ବର୍ଷ ପର୍ଯ୍ୟନ୍ତ ସେ ବଜାୟ ରଖିଥିଲେ। ହେଲେ ତାଙ୍କ ଅଭିନୀତ 'ଲଗାନ' (୨୦୦୧) ଓସ୍କାର ପାଇଁ ମନୋନୀତ ହେବା ପରେ ଆମୀର ଓସ୍କାର ପୁରସ୍କାରରେ ଯୋଗ ଦେଇଥିଲେ।

# ଚନ୍ଦ୍ରମା



ପ୍ରିୟା–ଦେବାଶିଷ

ସତ୍ୟ ଘଟଣାକୁ ନେଇ ନିର୍ମିତ ହୋଇଛି ଓଡ଼ିଆ ସିନେମା 'ଚନ୍ଦ୍ରମା'। ଏକ ଭୌତିକ ଘଟଣାକୁ ନେଇ କାହାଣୀ ଆଗକୁ ଗତି କରୁଛି। ଧୁନ୍ ମ୍ୟୁଜିକାଲ ବ୍ୟାନରରେ ନିର୍ମିତ ଏହି ଚଳଚ୍ଚିତ୍ରର ପ୍ରଥମ ଟିଜର ରିଲିଜ ହୋଇ ବେଶ୍ ଭାଇରାଲ ହୋଇଛି। ପ୍ରାରମ୍ଭରୁ ଏଭଳି ସଫଳତା ମିଳିବା ପରେ ପ୍ରଯୋଜନା ସଂସ୍ଥା ଆଉ ଏକ ଅଭିନବ ପଦକ୍ଷେପ ନେବାକୁ ଯାଉଛି। କେବଳ ଓଡ଼ିଆ ନୁହେଁ ପରବର୍ତ୍ତୀ ସମୟରେ ଏହାକୁ ଅନ୍ୟ ଭାଷାରେ ପ୍ରସ୍ତୁତ କରିବାକୁ ଯୋଜନା ରହିଛି ବୋଲି ସୂଚନା ଦିଆଯାଇଛି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି କେପି। ସହ–ପ୍ରଯୋଜନା ଦାୟିତ୍ୱ ତୁଲାଇଛନ୍ତି ରବି ମହାନ୍ତି। ଏହାର ନିର୍ଦ୍ଦେଶନା ଦେଉଛନ୍ତି ବିଶ୍ୱ ଭୂଷଣ ମହାପାତ୍ର। 'ଚନ୍ଦ୍ରମା'ର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ଦେବାଶିଷ ପାତ୍ର। ଏଥିରେ ଭୂମିକା ଦାଶ ଓ ପ୍ରିୟା ଚୌଧୁରୀଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଖୁବ୍ ଶୀଘ୍ର ଏହା ପ୍ୟାନ ଇଣ୍ଡିଆ ସ୍ତରରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# ପ୍ରେମ ପଛ ଆକ୍ଟିଂ ଆଗ



ଜାହ୍ନବୀ

ଶ୍ରୀଦେବୀ ତନୟା ଜାହ୍ନବୀ କପୁର ଏବେ ଆଲୋଚନାର ଶିରୋନାମା ପାଲଟିଛନ୍ତି। ପ୍ରେମରେ ସେ କୁଆଡେ ମସଗୁଲ ବୋଲି ଆଲୋଚନା ହେଉଛି। ଆଉ ଏକଥା ଯେତେବେଳେ ତାଙ୍କ କାନରେ ପଡିଲା ସେତେବେଳେ ସେ ବା କେମିତି ଚୁପ୍ ହୋଇ ବସି ରହିଥାନ୍ତେ ? ଶେଷକୁ ବାଧ ହୋଇ ମୁହଁ ଖୋଲିଛନ୍ତି ଏହି ଅଭିନେତ୍ରୀ। ଏଭଳି ଆଲୋଚନା ବିଷୟରେ ସଫେଇ ଦେଇ ଜାହ୍ନବୀ କହନ୍ତି, 'ବଲିଉଡ୍‌ରେ ନିଜ ଆକ୍ଟିଂ କ୍ୟାରିୟର ଆରମ୍ଭ ହେବା ଦିନଠାରୁ ମୁଁ ସବୁବେଳେ ଅଭିନୟକୁ ହିଁ ଗୁରୁତ୍ୱ ଦେଇ ଆସିଛି। କେହି ବୋଧହୁଏ ମୋ ବିରୁଦ୍ଧରେ ଅପପ୍ରଚାର ଚଳାଇଛି। ଏଇଠି ଗୋଟିଏ କଥା କ୍ଲିୟର କରିଦେବା ଭଲ ହେବ। ମୁଁ ଏବେ ଆକ୍ଟିଂକୁ ନେଇ ସିରିୟସ। ତେଣୁ ପ୍ରେମ କରିବାକୁ ମୋ ପାଖରେ ସମୟ ନାହିଁ। ଏଭଳି ପ୍ରଚାରକୁ କେହି ଗୁରୁତ୍ୱ ନ ଦେବାକୁ ଅନୁରୋଧ କରୁଛି।' ଜହ୍ନବୀଙ୍କ ବଡ ପରଦା ଜୀବନ ଆରମ୍ଭ ହୋଇଥିଲା ଶଶାଙ୍କ ଖୈତାଙ୍କ ନିର୍ଦ୍ଦେଶିତ ହିନ୍ଦୀ ସିନେମା 'ଧଡକ'ରୁ। ଏହି ଫିଲ୍ମଟି ଇଷାନ ଖଟ୍ଟରଙ୍କର ମଧ୍ୟ ଡେବ୍ୟୁ ଫିଲ୍ମ ଥିଲା। କରନ୍ ଜୋହରଙ୍କ ଦ୍ୱାରା ପ୍ରଯୋଜିତ ଏହି ଚିତ୍ରର ବଜେଟ୍ ଥିଲା ୪୧ କୋଟି। ହେଲେ ବକ୍ସ ଅଫିସରେ ଏହା ସଫଳ ହେବାରୁ ୧୦୧ କୋଟି ଇନକମ୍ କରିଥିଲା। ଜାହ୍ନବୀଙ୍କ ଅଭିନୀତ 'ବୱାଲ' ଚଳିତ ବର୍ଷ ଅକ୍ଟୋବର ୬ରେ ରିଲିଜ ହେବାକୁ ଯାଉଛି। ନିତେଶ ତିୱାରିଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଜାହ୍ନବୀଙ୍କ ସହ ସ୍କ୍ରିନ୍ ସେୟାର କରିଛନ୍ତି ବରୁଣ ଧାୱନ।

# ରହିଗଲା ଅବଶୋଷ

ସାନ୍ୟା ମାଲହୋତ୍ରାଙ୍କର ପ୍ରଥମ ସିନେମା ଥିଲା 'ଦଙ୍ଗଲ'। ଆଉ ନିଜର ଡେବ୍ୟୁ ଫିଲ୍ମରୁ ସେ ଦର୍ଶକଙ୍କର ନିକଟତର ହୋଇପାରିଥିଲେ। ହେଲେ ଜାଣନ୍ତିକି ଯେତେବେଳେ ସେ ପାଠ ପଢୁଥିଲେ ସେତେବେଳେ ତାଙ୍କର ଡାକ୍ତର ହେବାକୁ ଇଚ୍ଛା ଥିଲା। ହେଲେ ତାହା ପୂରଣ ହେଲା ନାହିଁ। ଏ ନେଇ ସାନ୍ୟା କହନ୍ତି, 'ପାଠ ପଢ଼ିବା ପରେ ମୁଁ ଡାକ୍ତର ହେବାକୁ ଆଶା ରଖିଥିଲି। ଅବଶ୍ୟ ଏ ନେଇ ଯେତେବେଳେ ମନେ ପଡେ ମନଦୁଃଖ ହୁଏ। କ'ଣ କରିବା ? ଯାହା ଭାଗ୍ୟରେ ଅଛି ତାହା ହିଁ ହେବ। ମୋର ଅଭିନୟ ଜୀବନର ସବୁଠାରୁ ସ୍ମରଣୀୟ ଫିଲ୍ମ ହୋଇ ରହିବ 'ଦଙ୍ଗଲ'। କାରଣ ଆମୀର ଖାଁଙ୍କ ପରି ନାମୀ ଅଭିନେତାଙ୍କ ସହ କାମ କରିବା କେବଳ ଭାଗ୍ୟରେ ଥିଲେ ମିଳେ। ମୋର ପ୍ରଥମ ସିନେମାରୁ ମୋତେ ଯେତିକି ଭଲ ପାଇବା ମିଳିଛି ସେଥିଲାଗି ଦର୍ଶକଙ୍କ ପାଖରେ ମୁଁ ଚିରଋଣୀ ହୋଇ ରହିବି।'

# ଟେନ୍‌ସନ୍‌ରେ ଅନନ୍ୟା



ଅନନ୍ୟା

ଚଙ୍କି ତନୟା ଅନନ୍ୟା ପାଣ୍ଡେଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ନିକଟରେ ସେ ଏକ ନୂଆ ସିନେମା ସାଇନ୍ କରିଛନ୍ତି। ଏଥିରେ ତାଙ୍କୁ କୁଆଡେ ୩–୪ଟି ଗରମା ଗରମ ଶଟ୍ ଦେବାକୁ ପଡିବ। ଏ ସମ୍ପର୍କରେ ସୂଚନା ପାଇବା ପରେ ତାଙ୍କର ଟେନସନ୍ ବଢ଼ିଯାଇଛି। ଏ ସମ୍ପର୍କରେ ଅନନ୍ୟା କହନ୍ତି, 'ମୋର ଏଭଳି ଶଟ୍‌କୁ ନେଇ କାହିଁକି ଏତେ ଆଲୋଚନା ହେଉଛି ତାହା ମୁଁ ଜାଣିପାରୁନାହିଁ। କାହାଣୀ ଅନୁସାରେ ମୋତେ ଶଟ୍ ଦେବାକୁ ପଡିବ। ସବୁଠାରୁ ଖାସ୍ କଥା ହେଲା କାହାଣୀକୁ ରଙ୍ଗୀନ କରିବା ଲାଗି ଅଯଥା ଦୃଶ୍ୟକୁ ମୁଁ ସବୁବେଳେ ବିରୋଧ କରିଥାଏ। ଏହି ଫିଲ୍ମରେ ମୋତେ ଯେଉଁ ଭୂମିକାଟି ମିଳିଛି ତାହା ମୋ କ୍ୟାରିୟରକୁ ନୂଆ ମୋଡ ଦେବ ବୋଲି ଆଶା ରଖିଛି। ଅଯଥା ବୋଲ୍ଡ ଶଟ୍ ଦେବା ସପକ୍ଷରେ ମୁଁ ଆଦୌ ନ ଥାଏ। ପୁଣି କେହି କେହି ଏପରି ଶଟ୍ ଦେବା ପରେ ନିଜକୁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସଜାଇ ଥାଆନ୍ତି। ହେଲେ ମୁଁ ସବୁବେଳେ ଅଭିନୟ କରୁଥିବା ଫିଲ୍ମର କାହାଣୀ ଏବଂ ସେଥିରେ ନିଜ ଭୂମିକାକୁ ଅଧିକ ଗୁରୁତ୍ୱ ଦେଇଥାଏ। ଏହି ନୂଆ ସିନେମାରେ ମୋର ବୋଲ୍ଡ ଶଟ୍‌କୁ ଅଯଥା ସଂଯୋଗ କରାଯାଇନାହିଁ। ଏହା ଶତ ପ୍ରତିଶତ କାହାଣୀ ସହିତ ଜଡ଼ିତ। ତେବେ ସେପରି ଶଟ୍‌କୁ କିପରି ଦେବି ସେ ନେଇ ମୁଁ ଟେନସନ୍‌ରେ ଅଛି। ଆଶା ରଖିଛି ଏହାକୁ ନେଇ ମୋ ମନରେ ଉଙ୍କି ମାରିଥିବା ପ୍ରଶ୍ନଗୁଡିକର ସମାଧାନ ନିର୍ଦ୍ଦେଶକ ସହଜରେ କରିଦେବେ।'

# କେଇ ପଦ କଥା...



ପ୍ରିୟଙ୍କା

ପ୍ରିୟଙ୍କା ଚୋପ୍ରାଙ୍କର ବଡ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା ତାମିଲ ଫିଲ୍ମ 'ଥାମିଜାନ୍'ରୁ। ୨୦୦୨ ଏପ୍ରିଲ ୧୨ରେ ମୁକ୍ତିଲାଭ କରିଥିବା ଏହି ସିନେମାରେ ତାଙ୍କର ନାୟକ ସାଜିଥିଲେ ଅନ୍ୟତମ ଲୋକପ୍ରିୟ ତାମିଲ ଅଭିନେତା ବିଜୟ। ଏହାର ଶୁଟିଂ ସମୟର ଘଟଣାଗୁଡିକୁ ଏବେ ମଧ୍ୟ ମନେ ପକାନ୍ତି ପ୍ରିୟଙ୍କା। ଏ ନେଇ ସେ କହନ୍ତି, 'ତାମିଲ ଫିଲ୍ମରେ ଯେତେବେଳେ ମୋତେ ଚାନ୍ସ ମିଳିଲା ସେତେବେଳେ ମୋ ଖୁସି କହିଲେ ନ ସରେ। ପୁଣି ବିଜୟଙ୍କ ପରି ଅଭିନେତାଙ୍କ ଅପୋଜିଟ୍‌ରେ ଅଭିନୟ କରିବି ବୋଲି ଯେତେବେଳେ ଜାଣିଲି ସେତେବେଳେ ଏହି ଖୁସି ଦ୍ୱିଗୁଣିତ ହୋଇଯାଇଥିଲା। ଶୁଟିଂରୁ ବ୍ରେକ୍ ମିଳିଲେ ମୁଁ ତାଙ୍କ ସହ ଆକ୍ଟିଂକୁ ନେଇ କଥା ହେଉଥିଲି। ସେହି ସମୟର ତାଙ୍କର ଟିପ୍ସ ମୋ ପାଇଁ ବେଶ୍ ପ୍ରେରଣାଦାୟକ ଥିଲା। ତା'ପରେ ଅନୀଲ ଶର୍ମା ମୋତେ ଯୋଗାଯୋଗ କରିଥିଲେ। ବଲିଉଡ୍‌ରେ ଏଣ୍ଟ୍ରି କରିବାକୁ ସେ ମୋତେ ଅଫର ଦେଇଥିଲେ। ତାଙ୍କ ନିର୍ଦ୍ଦେଶିତ 'ଦ ହୀରୋ : ଲଭ୍ ଷ୍ଟୋରି ଅଫ ଏ ସ୍ପାଏ' ଥିଲା ମୋ ଅଭିନୀତ ପ୍ରଥମ ହିନ୍ଦୀ ଚଳଚ୍ଚିତ୍ର। ଆଉ ତା'ପରେ ମୁଁ ପଛକୁ ଫେରି ଚାହିଁନି। ଏପର୍ଯ୍ୟନ୍ତ ବଲିଉଡ୍‌ରୁ ମୋତେ ଯେଉଁ ସ୍ନେହ ଶ୍ରଦ୍ଧା ମିଳିଛି ତାହାକୁ ମୁଁ କଦାପି ଭୁଲି ପାରିବି ନାହିଁ।' ବର୍ତ୍ତମାନ ବେଶ୍ କିଛି ବର୍ଷର ଗ୍ୟାପ୍ ପରେ ପ୍ରିୟଙ୍କା ପୁଣି ଥରେ ବଲିଉଡ୍‌କୁ ଫେରିଛନ୍ତି। ଫରହାନ୍ ଅଖତରଙ୍କ 'ଜି ଲେ ଜରା'ରେ ସେ ଅଭିନୟ କରୁଛନ୍ତି। ଏଥିରେ ତାଙ୍କ ବ୍ୟତୀତ ଆଲିୟା ଭଟ୍ଟ ଏବଂ କ୍ୟାଟ୍ରିନା କୈଫଙ୍କୁ ମଧ୍ୟ ଦେଖିବାକୁ ମିଳିବ। ତେବେ ଏହି ଫିଲ୍ମଟି ପ୍ରିୟଙ୍କାଙ୍କ କ୍ୟାରିୟର ପାଇଁ କେତେ ଶୁଭପ୍ରଦ ସାବ୍ୟସ୍ତ ହେଉଛି ତାହା ରିଲିଜ ପରେ ହିଁ ଜଣାପଡିବ।

ପ୍ରଥମ ରୋଜଗାର

# ଚାନ୍ଦାରେ ଦେଇଥିଲି ପ୍ରଥମ ପାରିଶ୍ରମିକ



ଶିକ୍ଷାବିତ୍ ତଥା ଶିଶୁ ସାହିତ୍ୟିକ **ନିରାକାର ଚଇନି** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**କେ**ନ୍ଦୁଝର ଜିଲା ହାଟଡିହୀ ବ୍ଲକ୍ ଅନ୍ତର୍ଗତ କଳିଗାଁ ଗାଁରେ ମୋର ଜନ୍ମ। ଗାଁ ସ୍କୁଲ୍‌ରେ ପ୍ରଥମରୁ ଅଷ୍ଟମ ଓ ପରେ କେନ୍ଦ୍ରାପଡା ଜିଲା ଅନ୍ତର୍ଗତ ଜନତା ଉଚ୍ଚ ବିଦ୍ୟାଳୟ, ପାଳିମୀରେ ନବମ ଓ ଦଶମ ପଢିଥିଲି। ତା'ପରେ ଯୁକ୍ତ ଦୁଇ ଭଦ୍ରକ ମହାବିଦ୍ୟାଳୟ ଓ ଯୁକ୍ତ ତିନି ହାଟଡିହୀ ଆଞ୍ଚଳିକ ମହାବିଦ୍ୟାଳୟରେ ଶେଷ କରିଥିଲି। ଏହାପରେ କେନ୍ଦୁଝରରେ ଡି.ଆଇ.ଇଟି ଟ୍ରେନିଂ ଶେଷକରି ୧୯୯୭ ମସିହାରେ ତେଲକୋଇ ବ୍ଲକ ଅନ୍ତର୍ଗତ ସୁବୁଦ୍ଧିସାହି ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଭାବରେ ଯୋଗଦେଲି ; ଯେଉଁଠାରେ ମୋତେ ପ୍ରଥମ ମାସ ୩୫୦୦ ଟଙ୍କା ଦରମା ମିଳିଥିଲା। ଯେଉଁଦିନ ଦରମାଟି ପାଇଲି, ସେଦିନ ରାତିରେ ମୋ ଆଖିକୁ ଆଦୌ ନିଦ ଆସିଲା ନାହିଁ। କେମିତି ରାତି ପାହିବ ଆଉ ମୁଁ ଘରକୁ ଯାଇ ବାପାଙ୍କୁ ସବୁତକ ଟଙ୍କା ଦେଇଦେବି ସେଇ କଥା ଖାଲି ଭାବୁଥିଲି। ପରଦିନ ଘରକୁ ଗଲି। ହଠାତ୍ ମୋତେ ଘରେ ଦେଖି ବାପାବୋଉ ଆଶ୍ଚର୍ଯ୍ୟ ହୋଇଗଲେ। କାରଣ ୩/୪ ଦିନ ପୂର୍ବରୁ ହିଁ ମୁଁ ଘରୁ ତେଲକୋଇକୁ ଯାଇଥିଲି। ହଠାତ୍ ଏମିତି କାହାକୁ କିଛି ନ ଜଣାଇ ଘରକୁ ଆସିବାର କାରଣ କ'ଣ ହୋଇପାରେ ବୋଲି ବାପାବୋଉ ମନେମନେ ଚିନ୍ତା କରୁଥାନ୍ତି। ଠିକ୍ ଏତିକିବେଳେ ପକେଟ୍‌ରୁ ସବୁତକ ଟଙ୍କା କାଢି ବାପାଙ୍କ ହାତରେ ଧରେଇ ଦେଇ କହିଲି, ଏହା ମୋର ପ୍ରଥମ ଦରମା ଟଙ୍କା, ଗତକାଲି ପାଇଲି। ଏହା ଶୁଣି ବାପାବୋଉ ବହୁତ ଖୁସି ହୋଇଗଲେ ଆଉ ଅଜାଣତରେ ତାଙ୍କ ଆଖିରେ ଆସି ଯାଇଥିବା ଆନନ୍ଦାଶ୍ରୁକୁ ମୁଁ ସେଦିନ ଠିକ୍ ଅନୁଭବ କରିପାରୁଥିଲି। ତେବେ ଏଠାରେ ଗୋଟେ କଥା କହି ରଖିବାକୁ ଚାହେଁ ଯେ, ଚାକିରୀ କରିବାର ବହୁ ପୂର୍ବରୁ ଅର୍ଥାତ୍ ମୁଁ ଯେତେବେଳେ ହାଟଡିହୀ କଲେଜରେ ପଢୁଥିଲି ସେତେବେଳେ କଲେଜକୁ ପ୍ରତିଦିନ ଗାଁରୁ ଯିବାଆସିବା କରୁଥିଲି। ଆଉ ସେହି ସମୟରେ ଆମ ଗାଁ ଏମ୍.ଇ ସ୍କୁଲର ପ୍ରଧାନଶିକ୍ଷକଙ୍କ ପିଲାଙ୍କୁ ନୂଆକରି ଟ୍ୟୁଶନ କରୁଥିଲି। ପ୍ରଥମ ମାସ ଟ୍ୟୁଶନରୁ ୩୦ ଟଙ୍କା ଦରମା ପାଇଲି ; ଯାହାକି ଥିଲା ମୋ ଜୀବନର ପ୍ରଥମ ରୋଜଗାର। ଅଭିନୟ ପ୍ରତି ରୁଚି ଥିବାରୁ ସେହି ବର୍ଷ ଆମେ କେତେଜଣ ପିଲା ମିଶି ଗାଁରେ ଏକ ଯାତ୍ରା ନାଟକ ମଞ୍ଚସ୍ଥ କରିଥିଲୁ। ଆଉ ସେହି ବାବଦରେ ମୋତେ ୩୦ ଟଙ୍କା ଚାନ୍ଦା ଦେବାର ଥିଲା। ଟ୍ୟୁଶନରୁ ମିଳିଥିବା ସେହି ୩୦ ଟଙ୍କାଟିକୁ ଚାନ୍ଦା ଆକାରରେ ଦେଇ ସେଦିନ ଭାରି ଖୁସି ହୋଇଥିଲି। ତେବେ କେବଳ ଅଭିନୟ ନୁହେଁ, ଗାଁ ସ୍କୁଲ୍‌ରେ ପଢୁଥିବା ସମୟରେ ସାହିତ୍ୟ ଶିକ୍ଷକ ନବକୁମାର ଲେଙ୍କାଙ୍କ ପ୍ରେରଣାରେ ମୁଁ ଛୋଟ ଛୋଟ କବିତା ଲେଖିବା ମଧ୍ୟ ଆରମ୍ଭ କରିଥିଲି। କଲେଜରେ ପଢିଲାବେଳେ ଆଧୁନିକ କବିତା ଲେଖିଲି। କିନ୍ତୁ ସମୟକ୍ରମେ ଶିଶୁ ସାହିତ୍ୟ ପ୍ରତି ମୋର ଶ୍ରଦ୍ଧା ବଢିଲା। ମୋ ଲେଖାଗୁଡ଼ିକ ବିଭିନ୍ନ ଖବରକାଗଜ ଓ ପତ୍ରପତ୍ରିକାରେ ପ୍ରକାଶ ପାଇ ପାଠକାଦୃତ ବି ହେଲା ; ଯାହା ମୋତେ ପ୍ରେରଣା ଦେଲା ପୁସ୍ତକ ରଚନା କରିବାକୁ। ୟା' ଭିତରେ ମୋ ଲିଖିତ ପ୍ରାୟ ୭/୮ ଖଣ୍ଡ ପୁସ୍ତକ ପ୍ରକାଶିତ ହୋଇ ଢେର ପାଠକୀୟ ପ୍ରଶଂସା ପାଇସାରିଲାଣି।



ସାଥୀ

# ଫୁଲେଇ ରାଣୀ ସେ ରଜନୀଗନ୍ଧା, ଚାହାଣୀରେ ମନ ପଡିଛି ବନ୍ଧା

**ପ୍ରଶ୍ନ**–ଜଣେ ସୁନ୍ଦରୀ ମୋ ମନରେ ଘର କରିସାରିଛି। ସେ ଯେତେବେଳେ ମୋତେ ଚାହିଁଦେଉଛି ମୋ ମନ କ'ଣ ହୋଇଯାଉଛି। ମତେ ଲାଗୁଛି ତା' ପ୍ରେମ ଜାଲରେ ମୁଁ ବାନ୍ଧି ହୋଇଯାଇଛି। ଏବେ ତା'ସହ ଆଗେଇବା ଠିକ୍ ହେବ କି ?

*–ଅନିକେତ, ଢେଙ୍କାନାଳ*

**ଉତ୍ତର:** 'ଫୁଲେଇ ରାଣୀ ସେ ରଜନୀଗନ୍ଧା, ଚାହାଣୀରେ ମନ ପଡିଛି ବନ୍ଧା।' ଯଦି ଆପଣଙ୍କ ଭାବନା ସତ ହୋଇଥାଏ ତେବେ ସେଥିରୁ ପ୍ରେମର ପହିଲି ବାସ୍ନା ଆସୁଛି। ଦୁଇ ମନ ଯଦି ପ୍ରକୃତରେ ମିଶିଥାଏ ତେବେ କିଛି କହିବାର ନାହିଁ। କିନ୍ତୁ ଯଦି ଆପଣ ସପନ ରାଇଜରେ ଭାସୁଥାଆନ୍ତି ତେବେ କଥାଟି ଅଲଗା ହେବ। ତେଣୁ ବାସ୍ତବତାକୁ ଭଲ ଭାବରେ ପରଖି ନିଅନ୍ତୁ। ଆଉ ଯଦି ଆପଣଙ୍କ ମନର ମାନସୀ ଆପଣଙ୍କୁ ଦେଖି ହସି ଦେଉଛି। ତା'ହେଲେ ଭାବି ନିଅନ୍ତୁ ସେହି ହସରେ 'ସମଥିଙ୍ଗ...ସମଥିଙ୍ଗ..' ରହିଛି। ତେଣୁ ବେଳ ଦେଖି ମାଡି ଯାଆନ୍ତୁ।

**ପ୍ରଶ୍ନ**–ଜଣେ ସୁନ୍ଦରୀ ମୋତେ କଣେଇ କଣେଇ ଚାହୁଁଛି। ହେଲେ ତାକୁ ଯଦି ମୋ ମନର କଥା କୁହେ, ସେ ତାହାକୁ ଗ୍ରହଣ କରିବ ତ ?

*–କୁମାର, ବ୍ରହ୍ମପୁର*

**ଉତ୍ତର:** ସୁନ୍ଦରୀର ଚାହାଣୀ ଅନେକ କଥା କହିଥାଏ। ହେଲେ ସେହି ହସରେ ଲୁଚି ରହିଥିବା ଭିତିରି ତତ୍ତ୍ୱକୁ ବୁଝିବା ଦରକାର। ଯଦି ସେପଟୁ କିଛି ଇସାରା ପାଉଛନ୍ତି ତା'ହେଲେ ଡେରି ନକରି ଆଗେଇ ଯାଆନ୍ତୁ। ନଚେତ୍ ଚାନ୍ସ ଆଉ କେହି ମାରିନେଇପାରେ। ତେଣୁ କିଛି ଘଟିବା ପୂର୍ବରୁ ଆପଣ ସୁଯୋଗକୁ ହାତଛଡା କରନ୍ତୁ ନାହିଁ।

**ପ୍ରଶ୍ନ**– ସାଙ୍ଗ କଥାରେ ପଡି ମୁଁ ଜଣେ ଝିଅକୁ ଭଲ ପାଇଲି। ବେଶ୍ କିଛି ମାସ ଆମର ପ୍ରେମ ଆଗକୁ ଆଗେଇଲା। ହେଲେ ଏବେ ମୋ ପ୍ରେମିକା ମୋଠାରୁ ଦୂରେଇ ଯିବାକୁ ଚାହୁଁଛି। ମୁଁ ଏବେ କ'ଣ କରିବି ?

*–କୈଳାଶ ଦାସ, ପୁରୀ*

**ଉତ୍ତର:** ଯେତେବେଳେ ସାଙ୍ଗ କଥାରେ ପଡି ସେହି ସୁନ୍ଦରୀକୁ ଭଲ ପାଇ ବସିଲେ, ସେତେବେଳେ ସେ ନେଇ ଗଭୀର ଭାବରେ ଚିନ୍ତା କରିବାର ଥିଲା। ପ୍ରେମିକା ଚଏସ୍ କରିବା ସମୟରେ ବୋଧହୁଏ କିଛି ଭୁଲ ଭଟକା ରହିଯାଇଛି। ଆପଣଙ୍କ ପ୍ରେମିକା ଆପଣଙ୍କଠାରୁ ଦୂରେଇ ଯିବାକୁ ଚାହୁଁଛି। ଯଦି ଏକଥା ସତ ହୋଇଥାଏ, ତେବେ ସେଭଳି ପ୍ରେମ ଆଉ ପ୍ରେମିକା ଉପରେ ଭରସା କରିବା ଠିକ୍ ନୁହେଁ। କାରଣ ସେ ହୁଏତ ଆଗକୁ ଅଧା ବାଟରେ ଆପଣଙ୍କ ହାତ ଛାଡି ଦେଇପାରେ। ତେଣୁ ଏ ନେଇ ପୂର୍ବରୁ ସତର୍କ ରହିବା ନିହାତି ଜରୁରୀ।

**ପ୍ରଶ୍ନ**–ପ୍ରେମର ସ୍ୱାଦ କିପରି କହିବେ କି ସାଥୀ ?

*–ଅମନ, ରାଉରକେଲା*

**ଉତ୍ତର:** ଯିଏ ସଚ୍ଚା ଦିଲ୍‌ରେ ପ୍ରେମ କରିଛି ସେ ହିଁ ପ୍ରେମର ଅସଲ ଚାର୍ମ କ'ଣ ତାହା ଜାଣିପାରିଛି। ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ।

**ପ୍ରଶ୍ନ**–ଯାହାକୁ ମୋ ଜୀବନର ସବୁ କିଛି ଉତ୍ସର୍ଗ କରି ପ୍ରେମ କରୁଥିଲି ସେ ମୋତେ ଧୋକା ଦେଇ ଚାଲିଗଲା। ମୋ ମନକୁ ବୁଝାଇ ଏବେ ମୁଁ ଆଉ ଜଣେ ଝିଅକୁ ଭଲ ପାଇବି ବୋଲି ଚିନ୍ତା କରୁଛି। ଏ ନେଇ ଆଗେଇବା ଠିକ୍ ହେବ ତ ?

–ବି.କେ. କଟକ

**ଉତ୍ତର:** ଯେଉଁ ପ୍ରେମରେ ଧୋକା ଖାଇଥିଲେ ସେଭଳି ପ୍ରେମକୁ ଯଦି ସବୁବେଳେ ମନେ ପକାଇବେ ତେବେ ତାହ ମନ ଭିତରେ ସେମିତି ଧୁକୁ ଧୁକୁ ହୋଇ ଜଳୁଥିବ ଆଉ ତାହାର ପ୍ରଭାବରେ ନା ଆପଣ ଆଗକୁ ଯିବେ ନା ସେହି ପ୍ରେମକୁ ଭୁଲିପାରିବେ। ତେଣୁ ପ୍ରଥମେ ସେହି ପ୍ରେମରେ ସବୁଦିନ ପାଇଁ ପୂର୍ଣ୍ଣଚ୍ଛେଦ ଟାଣି ଦିଅନ୍ତୁ। ଯଦି ପୁଣି ଥରେ ପ୍ରେମ କରିବାକୁ ମନ ବଳାଇଛନ୍ତି ତା'ହେଲେ ପୁରୁଣା ଭୁଲର ଯେମିତି ପୁନରାବୃତ୍ତି ନ ହୁଏ ସେ ନେଇ ନଜର ଦିଅନ୍ତୁ। ନ ହେଲେ ପ୍ରଥମ ପ୍ରେମର ପରିଣତି ଯେମିତି ହେଲା ତାହାର ଯେ ପୁନରାବୃତ୍ତି ନ ହେବ ସେ ଗ୍ୟାରେଣ୍ଟି କେହି ଦେଇପାରିବେ ନାହିଁ।

# ଅଜବ ଉଦ୍ଭାବନ

ଆବଶ୍ୟକତା ହେଉଛି ଉଦ୍ଭାବନର ଜନନୀ ସେଇ ଆବଶ୍ୟକତା ପାଇଁ ହିଁ ଆଜିଯାଏ ହୋଇପାରିଛି ଅନେକ ବଡ଼ ବଡ଼ ଉଦ୍ଭାବନ। ତେବେ ବେଳେବେଳେ ଏମିତି କିଛି ବି ଆବିଷ୍କାର ହୋଇଛି ଯାହା ବେଶ୍ ଅଜବ ଲାଗିବା ସହ ମଜାଦାର ବି ଲାଗେ।







**ଦ ଫ୍ଲାସ୍କ ଟାଇ:** ଅଫିସ୍ କାମର ଚାପ ଦିନେ ଦିନେ ଏତେ ଥାଏ ଯେ, ମୁଣ୍ଡ ଗରମ ହେଇଯାଏ। ଚାପ ଭିତରେ ଭାରି ଅଣନିଶ୍ୱାସୀ ଲାଗେ। ତେଣୁ ରିଲାକ୍ସ ହେବା ପାଇଁ ଅନେକେ ଗରମ ଗରମ କଫି ଲୋଡନ୍ତି। ତେବେ ଯଦି ଡବଲ ଡ୍ୟୁଟି କରିବାକୁ ପଡ଼େ କଫି ଆଣି ପିଇବାକୁ ବି ସମୟ  ନ ଥାଏ। ଏମିତିରେ ଏହି ଟାଇ ଆପଣଙ୍କର ବହୁତ କାମରେ ଆସିବ। ଏହା କେବଳ ଯେ ପ୍ରଫେଶନାଲ ଲୁକ୍ ଦେବ ତାହା ନୁହେଁ ବରଂ ଏହି ଟାଇ ଭିତରେ ଲୁଚି ରହିଛି ଏକ ଫ୍ଲାସ୍କ। ଅର୍ଥାତ୍ ଉକ୍ତ ଟାଇରେ ଲୁକ୍କାୟିତଭାବେ ଏକ ଫ୍ଲୁଇଡ ବ୍ଲାଡର୍ ଓ ଷ୍ଟ୍ର ଅଛି। ଯାହା ଭିତରେ ଗରମ କଫି, ଚା' ରଖିହେବ। ଆଉ ଆବଶ୍ୟକ ବେଳେ ଷ୍ଟ୍ର ସାହାଯ୍ୟରେ ସେହି ଫ୍ଲାସ୍କର କଫି ଅବା ଚା'କୁ ପିଇ ହେବ। ଯାହାଦ୍ୱାରା ଅଫିସ୍ କାମର ଚାପ କିଛିଟା କମିଯିବ।

**ଦ ହୋଭରବ୍ରେଲା:** ବର୍ଷାଦିନେ ହାତରେ ଛତା ଧରି ଗଲାବେଳେ ଛତାକୁ ଆୟତ୍ତ କରିବା ଭିତରେ  ବର୍ଷାର ମଜାକୁ ଅନୁଭବ କରି ହୁଏନା। ହେଲେ ଏବେ ବର୍ଷାକୁ ଭରପୂର ଏନ୍‌ଜୟ କରିପାରିବେ। କାରଣ ବର୍ଷାରେ ଛତା ନେଇକି ଯାଉଥିଲେ ମଧ୍ୟ ତାକୁ ହାତରେ ଧରିବାକୁ ପଡ଼ିବନି। ଡ୍ରୋନ୍ ମାଧ୍ୟମରେ ଛତା ଆପଣଙ୍କ ମୁଣ୍ଡ ଉପରେ ଅହରହ ରହିବ। ଆପଣ ଯେତେ ମୁଣ୍ଡ ଏପଟସେପଟ କଲେ ବି ଡ୍ରୋନ୍ ମୁଣ୍ଡର ଗତି ଅନୁସାରେ ଯାଇ ମୁଣ୍ଡ ଉପରେ ହିଁ ରହିବ। ଡ୍ରୋନ୍ ଚାଳିତ ଏହି ଛତାକୁ ହୋଭରବ୍ରେଲା କୁହାଯାଉଛି।

**କଫି ମଗ୍ ଆଇରନ୍:** କଫି ପିଇବାକୁ ପ୍ରାୟ ସମସ୍ତେ ଭଲ ପାଆନ୍ତି। କାରଣ କପେ କଫି ସବୁ ଥକାପଣକୁ ଦୂର କରି ମନରେ ଫ୍ରେସ୍‌ନେସ୍ ଭରିଦିଏ। ତେବେ ଏହି କଫି ମଗ୍ ଯଦି ଆଉ କିଛି କାମରେ ଆସେ ତା'ହେଲେ ତ ଖୁସି ଦୁଇଗୁଣା ହୋଇଯିବ। ଆସିଯାଇଛି ସେମିତି ଏକ ମଗ୍ ଯାହା ଦୁଇଟି କାମରେ ଆସେ। ଗୋଟିଏ ତ ସେଥିରେ କଫି ପିଇପାରିବେ ଦ୍ୱିତୀୟରେ କଫି ଗରମ ଥିବାବେଳେ ସେଥିରେ କପଡ଼ା ଆଇରନ୍ ବି କରିପାରିବେ। ଯଦିଓ ଏହା ପୁରା ସାର୍ଟ ଅବା ଡ୍ରେସ୍‌କୁ ଆଇରନ୍ କରିପାରିବନି। ତଥାପି କିଛି ଲୋଚାକୋଚାକୁ ସିଧା କରିପାରିବ।

**ହେୟାରି ଲେଗିଂସ୍:** ଆଜିକାଲି ଯୁବତୀମାନେ ଗୋଡ଼କୁ ୱାକ୍ସ କରି ହେୟାର୍ ରିମୁଭ୍ କରୁଛନ୍ତି। ଯଦ୍ୱାରା କି ଗୋଡ ମସୃଣ ଓ ସଫା ଲାଗିବ। ଏମିତି ସ୍ଥଳରେ ଏଭଳି ବି ଏକ ଲେଗିଂସ୍ ଆସିଛି ଯାହାକୁ ପିନ୍ଧିଲେ ଗୋଡରେ ଅନେକ ହେୟାର୍ ଥିବା ଭଳି ଲାଗିବ। ଏହା ପିନ୍ଧିବାକୁ କମ୍ଫର୍ଟେବୁଲ। କିନ୍ତୁ ଏହା ଗୋଡକୁ ଏକ ଅଜବ ଲୁକ୍ ଦେବ। ଏହାକୁ ଚାଇନାର ଜଣେ ମହିଳା ତିଆରି କରିଛନ୍ତି। ଆଉ ଏହା ପଛର କାରଣ ହେଉଛି, ମନ୍ଦ ଉଦ୍ଦେଶ୍ୟ ରଖୁଥିବା ପୁରୁଷଙ୍କ ଦୃଷ୍ଟି ଆକର୍ଷଣରୁ ନିଜକୁ ବଞ୍ଚାଇବା।





**ହେଡ ମାଉଣ୍ଟେଡ ଟିସ୍ୟୁ ରୋଲ୍:** ଯେଉଁମାନଙ୍କର କ୍ରନିକ୍ କୋଲ୍ଡ ଅବା ରାଇନିଟିସ୍ ସମସ୍ୟା ଥାଏ। ସେମାନଙ୍କ ପାଇଁ ଏହା ବେଶ୍ ଉପକାରୀ ସାବ୍ୟସ୍ତ ହେବ। ଏମାନଙ୍କର ବାରମ୍ବାର ନାକରୁ ସିଙ୍ଘାଣି ବାହାରିବା, ଝିଙ୍କ, କାଶ ହେବାଯୋଗୁ ସବୁ ସମୟରେ ରୁମାଲ ଆବଶ୍ୟକ ପଡ଼େ। ଆଉ ସେହି ରୁମାଲକୁ ସଫା କରିବାକୁ ବି ପଡ଼େ। ହେଲେ ଏହି ଟିସ୍ୟୁ ରୋଲ୍ ଯାହାକୁ କି ମୁଣ୍ଡରେ ଫିକ୍ସ କରାଯାଏ ତାହା ଏହି ସମସ୍ୟାକୁ ନିଶ୍ଚିତଭାବେ ଦୂର କରିବ। ଯେତେଥର ସିଙ୍ଘାଣି ବାହାରୁ କି ଛିଙ୍କ ହେଉ ସଙ୍ଗେ ସଙ୍ଗେ ମୁଣ୍ଡ ଉପରେ ଥିବା ଏହି ଟିସ୍ୟୁ ରୋଲ୍‌ରୁ ଟିସ୍ୟୁ ଆଣି ବ୍ୟବହାର କରିହେବ। ଆଉ ବ୍ୟବହାର ପରେ ସେହି ଟିସୁ ପେପର୍‌କୁ ଡଷ୍ଟବିନ୍‌ରେ ଫିଙ୍ଗିଦେବେ।



**ସୂଚନା**
ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

**ପ୍ରିୟା**

ଆପଣଙ୍କ ମୁହଁ ମଡେଲ ମିରରରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
**ଫଟୋ ସୌଜନ୍ୟ: ମିଣ୍ଟୁ ଫ୍ୟାଶନ ଫଟୋଗ୍ରାଫି**

## ହାଃ ହାଃ

### ଦଣ୍ଡ

ରମେଶ ଦିନେଶକୁ: ତୋ କୁକୁର ଆଜି ସକାଳେ ମୋ ପେପର୍‌କୁ ଦାନ୍ତରେ କାଟି ନଷ୍ଟ କରି ଦେଇଛି।
ଦିନେଶ: ହଉ, ମୁଁ ତାକୁ ଡାକି ଦଣ୍ଡ ଦେଉଛି।
ରମେଶ: ଥାଉ।
ଦିନେଶ: କାହିଁକି ?
ରମେଶ: ମୁଁ ତାକୁ ଦଣ୍ଡ ଦେଇ ସାରିଛି।
ଦିନେଶ: କି ଦଣ୍ଡ ?
ରମେଶ: ମୁଁ ତା' ଖାଇବା ଖାଇଦେଇଛି।

### ଧନ

ଗୋଲୁ ମୋଲୁକୁ: ମତେ ହାତ ଦେଖି ଆସେ। ତୁ ହାତ ଦେଖେଇଲୁ।
ମୋଲୁ: ହଉ ଠିକ୍ ଅଛି। ଦେଖିକି କହିଲୁ କ'ଣ ଜାଣିଛୁ।
ଗୋଲୁ: ତୋ ହାତ ରେଖା କହୁଛି ତୋ ଘର ତଳେ ବହୁତ ଧନ ଅଛି।
ମୋଲୁ: ଠିକ୍ କଥା। ମୋ ଘର ତଳେ ଏସ୍‌ବିଆଇ ବ୍ୟାଙ୍କର ବ୍ରାଞ୍ଚ ଅଫିସ୍ ଅଛି।

### କିଏ ନେବ

ଗୋପୀ ଅଟୋବାଲାକୁ: ଷ୍ଟେସନ ଯିବାକୁ କେତେ ନେବ ?
ଅଟୋବାଲା: ୫୦ ଟଙ୍କା।
ଗୋପୀ: ୨୦ ଟଙ୍କା ନିଅ।
ଅଟୋବାଲା: ଏତିକି ଟଙ୍କାରେ କିଏ ନେବ ?
ଗୋପୀ: ୨୦ ଟଙ୍କା ଧର, ଆଉ ପଛ ସିଟ୍‌ରେ ଯାଇ ବସ। ମୁଁ ନେଇକି ଯିବି।








# ଅର୍ବୁଦା ଦେବୀ ମନ୍ଦିର





**ପବିତ୍ର ଅର୍ବୁଦା ଦେବୀ ମନ୍ଦିର ରାଜସ୍ଥାନର ମାଉଣ୍ଟ ଆବୁଠାରେ ଅବସ୍ଥିତ। ଏହା ହେଉଛି ଏକ ଦେବୀପୀଠ। ମାନ୍ୟତା ଅନୁସାରେ, ଏଠାରେ ପୂଜା ପାଉଥିବା ଅର୍ବୁଦା ଦେବୀ ହେଉଛନ୍ତି ମାତା କାତ୍ୟାୟନୀଙ୍କର ଏକ ସ୍ୱରୂପ; ଯିଏ କି ଖୁବ୍ ପ୍ରତ୍ୟେକ୍ଷା...**

**ଅ**ର୍ବୁଦା ଦେବୀ ମନ୍ଦିର ହେଉଛି ରାଜସ୍ଥାନର ମାଉଣ୍ଟ ଆବୁସ୍ଥିତ ଏକ ପ୍ରସିଦ୍ଧ ଧାର୍ମିକସ୍ଥଳୀ। ଅର୍ବୁଦା ଦେବୀଙ୍କୁ କାତ୍ୟାୟନୀ ଦେବୀଙ୍କର ଏକ ଅବତାର ବୋଲି କୁହାଯାଇଥାଏ। ରକ୍-କଟ୍ ଶୈଳୀରେ ନିର୍ମିତ ହୋଇଥିବା ଏହି ମନ୍ଦିରର ନିର୍ମାଣ ଶୈଳୀ ଦେଖିବାକୁ ବେଶ୍ ଆକର୍ଷଣୀୟ ହୋଇଥାଏ। ସୂଚନାନୁଯାୟୀ, ଦେବୀଙ୍କ ଦର୍ଶନ ପାଇଁ ଯିବାକୁ ହେଲେ ଭକ୍ତଗଣଙ୍କୁ ଅନେକ ପାହାଚ ଚଢି ଏହି ମନ୍ଦିର ମଧ୍ୟକୁ ପ୍ରବେଶ କରିବାକୁ ହୋଇଥାଏ। ବର୍ଷର ସବୁ ସମୟରେ ଏଠାରେ ଭକ୍ତଙ୍କର ଭିଡ଼ ଦେଖିବାକୁ ମିଳୁଥିଲେ ହେଁ, ମୁଖ୍ୟତଃ ନବରାତ୍ରୀ ସମୟରେ ଏଠାରେ ପ୍ରବଳ ଜନସମାଗମ ହୋଇଥାଏ।

### ପ୍ରମୁଖ ପର୍ବପର୍ବାଣୀ

ଏହି ମନ୍ଦିରରେ ନବରାତ୍ରୀ ଉତ୍ସବକୁ ଖୁବ୍ ଧୂମ୍‌ଧାମ୍‌ରେ ପାଳନ କରାଯାଇଥାଏ। ସେହି ସମୟରେ ଏଠାରେ ବଡ଼ ମେଳାର ଆୟୋଜନ କରାଯାଇଥାଏ ; ଯାହାକୁ ଦେଖିବା ପାଇଁ ଦେଶର ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକ ଏଠାକୁ ବୁଲି ଆସିଥାନ୍ତି। ଏଠାରେ ପ୍ରତ୍ୟେହ ମା'ଙ୍କୁ ବିଭିନ୍ନ ପ୍ରକାରର ବସ୍ତୁରେ ତିଆରି ଭୋଗ ଅର୍ପଣ କରାଯାଇଥାଏ।

### ମା'ଙ୍କ ମହିମା

ଅର୍ବୁଦା ଦେବୀ ଖୁବ୍ ପ୍ରତ୍ୟେକ୍ଷା ବୋଲି ଭକ୍ତଗଣଙ୍କ ମଧ୍ୟରେ ଗଭୀର ବିଶ୍ୱାସ ରହିଛି। ଭକ୍ତିର ସହକାରେ ଯେଉଁ ବ୍ୟକ୍ତି ଏଠାକୁ ଆସି ମା'ଙ୍କର ପୂଜାର୍ଚ୍ଚନା କରିଥାନ୍ତି ତାଙ୍କୁ ମୋକ୍ଷ ପ୍ରାପ୍ତି ହୋଇଥାଏ ବୋଲି ଲୋକକଥା ରହିଛି। ବିଶେଷକରି ନବରାତ୍ରୀ ସମୟରେ ଯେଉଁମାନେ ଏଠାକୁ ଆସି ମା'ଙ୍କର ପାଦୁକା ପୂଜା କରିଥାନ୍ତି ତାଙ୍କ ଜୀବନରେ ସୁଖଶାନ୍ତି ଭରିଯିବା ସହ ସବୁ ମନୋସ୍କାମନା ପୂରଣ ହୋଇଥାଏ ବୋଲି ଲୋକେ କୁହନ୍ତି।

### କ'ଣ ଖାଇବେ

ଏଠାରେ ପ୍ରାୟତଃ ଶୁଦ୍ଧ ଶାକାହାରୀ ଭୋଜନ ମିଳିଥାଏ। ତା'ଛଡ଼ା ପର୍ଯ୍ୟଟକଙ୍କ ରୁଚିକୁ ଦେଖି ଏଠାକାର କେତେକ ହୋଟେଲ ଓ ରେଷ୍ଟୁରାଣ୍ଟରେ ରାଜସ୍ଥାନୀ, ପଞ୍ଜାବୀ ତଥା ଚିନ୍ ଖାଇବା ବି ମିଳିଥାଏ ବୋଲି ସୂଚନା ରହିଛି।

### କେବେ ଯିବେ ଓ କେମିତି ଯିବେ

ମା'ଙ୍କର ଏହି ମନ୍ଦିରଟି ପାହାଡ ଓ ଜଙ୍ଗଲ ଘେରା ଅଞ୍ଚଳରେ ରହିଥିବାରୁ ଏଠାକାର ଜଳବାୟୁ ବର୍ଷସାରା ବୁଲାବୁଲି କରିବାକୁ ବେଶ୍ ଅନୁକୂଳ ରହିଥାଏ। କିନ୍ତୁ ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ରର ମତାନୁଯାୟୀ, ଏଠାକୁ ଯିବା ପାଇଁ ବର୍ଷାଦିନ ଓ ଶୀତଦିନ ହେଉଛି ସବୁଠୁ ଉତ୍ତମ ; ଯାହାର ଅର୍ଥ ହେଉଛି ଜୁଲାଇରୁ ଫେବୃୟାରୀ ହେଉଛି ଏଠାକୁ ବୁଲିଯିବା ପାଇଁ ସବୁଠୁ ଉପଯୁକ୍ତ ସମୟ। କିନ୍ତୁ ଏମିତି ଦେଖିବାକୁ ଗଲେ ଏଠାରେ ନବରାତ୍ରୀ ସମୟରେ ପର୍ଯ୍ୟଟକଙ୍କର ବହୁତ ଭିଡ ଜମିଥାଏ। ତେଣୁ ପର୍ଯ୍ୟଟକ ନିଜ ସୁବିଧା ଅନୁସାରେ ଯେବେ ଚାହିଁବେ ସେବେ ଏଠାକୁ ବୁଲି ଯାଇପାରିବେ। ସେହିପରି ଏଠାକୁ ଯିବାପାଇଁ ଗମନାଗମନର ମଧ୍ୟ ଭଲ ବ୍ୟବସ୍ଥା ରହିଛି।

### ଅନ୍ୟାନ୍ୟ ଆକର୍ଷଣ

ଏହି ଦେବୀ ପୀଠ ବୁଲିବା ସହ ପର୍ଯ୍ୟଟକ ଆହୁରି ଅନେକ କିଛି ଏଠାରେ ଦେଖିପାରିବେ। ତା'ଛଡ଼ା ଟ୍ରେକିଂର ମଜା ବି ନେଇପାରିବେ। ବଣ ଜଙ୍ଗଲରେ ବୁଲି ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟକୁ ଉପଭୋଗ ମଧ୍ୟ କରିପାରିବେ। କେବଳ ସେତିକି ନୁହେଁ ଏଠାରୁ ବେଶ୍ ସୁଲଭ ଦରରେ ଭୋଗ ତଥା ମା'ଙ୍କର ଫଟୋ ଆଦି କିଣିପାରିବେ।

### ଫଟୋଗ୍ରାଫିର ମଜା ନେଇପାରିବେ

ଆକର୍ଷଣୀୟ ପ୍ରାକୃତିକ ପରିବେଶରେ ଭରା ଏହି ସ୍ଥାନରେ ଫଟୋଗ୍ରାଫି ପାଇଁ ରହିଛି ଅନେକ ସୁବିଧା ଓ ସୁଯୋଗ। ନିଜ ପରିବାର ସଙ୍ଗେ ହେଉ ଅବା ସାଙ୍ଗସାଥୀଙ୍କ ସଙ୍ଗେ ଯାଇ ପର୍ଯ୍ୟଟକ ଏହି ମନ୍ଦିରର ଭବ୍ୟ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହିତ ଅନେକ ସୁନ୍ଦର ସୁନ୍ଦର ଫଟୋ ଉଠାଇ ଏହି ଅପୂର୍ବ ସ୍ମୃତିକୁ ନିଜ ପାଖରେ ସବୁଦିନ ପାଇଁ ସାଇତି ରଖିପାରିବେ।








# ଫୁଟବଲ୍‌ର ରଙ୍ଗ କଳା ଧଳା କାହିଁକି

**ଫୁଟବଲ୍ ଖେଳ ଓ ଏହାର ଖେଳାଳୀଙ୍କର ସାରା ପୃଥିବୀରେ ଅନେକ ଫ୍ୟାନ୍ ଅଛନ୍ତି। ପୃଥିବୀ ପ୍ରସିଦ୍ଧ ଏହି ଖେଳ। ତେଣୁ ଏହି ଖେଳ କଥା ଉଠିଲେ ଆଖି ଆଗରେ ନାଚି ଉଠେ କଳା ଧଳା ରଙ୍ଗର ଏକ ବଲ୍। ଯାହାକୁ ନେଇ ଦୁଇ ଟିମ୍‌ର ଖେଳାଳୀ ଖେଳିଥାନ୍ତି। ତେବେ କେବେ ଭାବିଛନ୍ତି କି ଏହି ବଲ୍ କଳା ଧଳା ରଙ୍ଗର କାହିଁକି ହୋଇଥାଏ। ଜାଣନ୍ତୁ ସେ ସମ୍ପର୍କରେ...**








ଆଜିକାଲି ଫୁଟବଲ୍ ବିଭିନ୍ନ ରଙ୍ଗର ଆସିଲାଣି। ହେଲେ ଫୁଟବଲ୍ କହିଲେ କଳା ଧଳା ରଙ୍ଗର ବଲ୍ ଭାବେ ସମସ୍ତଙ୍କ ମନରେ ଘର କରି ରହିଛି। କାରଣ ଏହା ଦୀର୍ଘ ବର୍ଷ ହେବ ବ୍ୟବହାର ହୋଇଛି। ତେବେ ପ୍ରାରମ୍ଭିକ ସମୟରେ ଫୁଟ୍‌ବଲ ବାଦାମୀ ରଙ୍ଗର ଚମଡ଼ାରେ ତିଆରି ହେଉଥିଲା। ତେଣୁ ତା'ର ରଙ୍ଗ ବାଦାମୀ ରଙ୍ଗ ଥିଲା। ୧୯୬୬ ବିଶ୍ୱକପ୍ ପର୍ଯ୍ୟନ୍ତ ଫୁଟବଲ୍‌ର ରଙ୍ଗ ବାଦାମୀ ହିଁ ଥିଲା। କିନ୍ତୁ ଏହାପରେ ଧୀରେ ଧୀରେ ଫୁଟବଲ୍ ମ୍ୟାଚ୍‌କୁ ଟିଭିରେ ପ୍ରସାରିତ କରାଗଲା। ଅଧିକରୁ ଅଧିକ ମ୍ୟାଚ୍ ଟେଲିକାଷ୍ଟ ହେବାଦ୍ୱାରା ଦର୍ଶକଙ୍କ ସଂଖ୍ୟା ବଢିଲା। ସେତେବେଳେ କଳା ଧଳା ଟିଭି ପରଦାରେ ବାଦାମୀ ରଙ୍ଗର ବଲ୍ ସ୍ୱଷ୍ଟ ଦେଖାଯାଉ ନ ଥିଲା। ବଲ୍ କୁଆଡେ ଗତି କରୁଥିଲା କୁଆଡ଼େ ଯାଉଥିଲା ଜଣା ପଡୁ ନ ଥିଲା।

ଏହି କାରଣରୁ ହିଁ ବଲ୍‌ର ରଙ୍ଗ ବଦଳାଇବାକୁ ଚିନ୍ତା କରାଯାଇଥିଲା।୧୯୭୦ରେ ଆଡିଡାସ କମ୍ପାନୀ ଏହି ସମସ୍ୟାକୁ ସମାଧାନ କରିବାକୁ ଯାଇ 'ଟେଲଷ୍ଟାର' ବା 'ଟେଲିଭିଜନ୍ ଷ୍ଟାର' ନାମକ ବଲ୍ ତିଆରି କଲା, ଯାହାର ରଙ୍ଗ କଳା ଧଳା ଥିଲା। ଏହି ବଲ୍‌କୁ ସର୍ବପ୍ରଥମେ ମେକ୍ସିକୋରେ ହୋଇଥିବା ୧୯୭୦ ଫିଫା ବିଶ୍ୱକପ୍‌ରେ ବ୍ୟବହାର କରାଯାଇଥିଲା। ଧଳା ବ୍ୟାକଗ୍ରାଉଣ୍ଡରେ କଳାରଙ୍ଗ ଥିବାରୁ ଟିଭି ପରଦାରେ ଏହା ସ୍ୱଷ୍ଟ ଦେଖାଗଲା। ବଲ୍‌ର ଡିଜାଇନ୍ ବି ଖାସ୍ ଥିଲା। ଧଳାରଙ୍ଗର ହେକ୍ସାଗନ ଉପରେ କଳାରଙ୍ଗର ପେଣ୍ଟାଗନ୍ କରାଯାଇଥିଲା। ଦୀର୍ଘବର୍ଷ ଧରି ଏହି ବଲ୍ ବ୍ୟବହାର ହେଲା। ତେବେ ଆଜିକାଲି ଏହାର ଡିଜାଇନ୍‌ରେ ଆସିଛି କିଛିଟା ପରିବର୍ତ୍ତନ। ତଥାପି ଫୁଟବଲ୍ କହିଲେ ପ୍ରଥମେ ମନକୁ ଏହି କଳାଧଳା ବଲ୍ ହିଁ ଆସିଯାଏ।

---

# ପିଆନୋ ବାଦକ କୁକୁଡ଼ା



ସଙ୍ଗୀତରେ ଏମିତି ଯାଦୁ ଥାଏ ଯାହା ସବୁ ଦୁଃଖ ଭୁଲେଇପାରେ, ମନରେ ପ୍ରେମର ଫୁଆରା ବି ସୃଷ୍ଟି କରିପାରେ। ସେଇଥିପାଇଁ ତ ସୁମଧୁର ସଙ୍ଗୀତର ପ୍ରେମରେ ସମସ୍ତେ ପଡନ୍ତି। ତା'ସହ ତାକୁ ଗାଉଥିବା ତଥା ଗୀତକୁ ଅଧିକ ଲାଳିତ୍ୟଭରା କରୁଥିବା ବାଦ୍ୟକାରଙ୍କୁ ସମସ୍ତେ ଭଲପାଆନ୍ତି। ହେଲେ ଜାଣନ୍ତିକି କିଛି ପ୍ରାଣୀ ବି ଖୁବ୍ ସୁନ୍ଦରଭାବେ ବାଦ୍ୟ ବଜାଇ ପାରନ୍ତି। ବିଶ୍ୱାସ ନ ଲାଗିଲେ ବି ଆମେରିକାର ଏକ ଟାଲେଣ୍ଟ ହଣ୍ଟ୍ ଶୋ'ରେ ଦେଖିବାକୁ ମିଳିଛି ଏହାର ଝଲକ, ଯେଉଁଠି ଏକ କୁକୁଡ଼ା ପିଆନୋ ବଜାଇ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା। ତେବେ ଯେତେବେଳେ ଉକ୍ତ ଶୋ'କୁ ଜଣେ ବ୍ୟକ୍ତି ଏକ କୁକୁଡ଼ା ଆଣି କହିଲେ ସେ ପିଆନୋ ବଜାଇବ, କେହି ବି ବିଶ୍ୱାସ କରି ନ ଥିଲେ, ବରଂ ହସିଥିଲେ। ଜଜ୍‌ମାନେ କହିଲେ ଏହା କିପରି ସମ୍ଭବ? ହେଲେ ଯେବେ ଅନୁମତି ମିଳିଲା କୁକୁଡାଟି ଦେଖାଇଥିଲା ତା'ର କମାଲ। ବଜାଇଥିଲା ଏତେ ଲାଳିତ୍ୟଭରା ଧୁନ୍, ଯାହା ସମସ୍ତଙ୍କୁ ବାଧ କରିଥିଲା ନିଜ ସ୍ଥାନରୁ ଉଠି ଠିଆ ହୋଇ କରତାଳି ମାରିବାକୁ।



**ଚିନ୍ମୟ ଚିନ୍ତନ**

**ଶ୍ରୀ ସନ୍ନ୍ୟାସୀ ଜୀ**

# ଭାବିଥିଲି କମ୍, ପାଇଲି ବେଶି

ଚଳିତ ବର୍ଷ ଏକ ପ୍ରତିଷ୍ଠିତ ବୈଦ୍ୟୁତିକ ଚାନେଲର ଷ୍ଟୁଡିଓରେ ବସି ଶ୍ରୀ ଚତୁର୍ଦ୍ଧାମୂର୍ତ୍ତିଙ୍କର ଭୁବନ ପ୍ରସିଦ୍ଧ 'ସ୍ନାନ ଯାତ୍ରା ' ର ଧାରା ବିବରଣୀ ପ୍ରଦାନ କରୁଥିବା ସମୟରେ ମନ ଭିତରେ ସାମାନ୍ୟ ଟିକେ ଭାବନା ଉଙ୍କି ମାରି ଆସିଲା ମହାପ୍ରଭୁଙ୍କ ସ୍ନାନ ଜଳକୁ ନେଇ । ପରମ ପବିତ୍ର ସ୍ନାନଜଳ ବ୍ରହ୍ମା, ଶିବ ଆଦିଙ୍କୁ ବି ଅପ୍ରାପ୍ୟ ଏବଂ ଅଲଭ୍ୟ । ମହାପ୍ରଭୁଙ୍କ କୃପାସିକ୍ତ ସୌଭାଗ୍ୟଶାଳୀ ମାନବଙ୍କୁ ହିଁ ତାହା ପ୍ରାପ୍ତ ହୋଇପାରେ । ଗତ ବର୍ଷ ଆକସ୍ମିକ ଏବଂ ଅଯାଚିତ ଭାବେ 'ଧରିତ୍ରୀ'ର ଜଣେ ଖବରଦାତାଙ୍କୁ ମାଧ୍ୟମ କରି ପ୍ରଭୁ ତାଙ୍କ ଶ୍ରୀଅଙ୍ଗ ଲାଗି ଜଳ ପାଦୋଦକକୁ ଏ ଅକିଞ୍ଚନକୁ ପ୍ରଦାନ କରି ମନୋବାଞ୍ଛା ପୂରଣ କରିଥିଲେ । ହେଲେ ପ୍ରଭୁ ! ଏ ବର୍ଷ କେମିତି ଟିକେ ମିଳନ୍ତାନି ତୁମର ସେଇ ସ୍ନାନ ଜଳରୁ କଣିକାଏ...

ଧାରା ବିବରଣୀ ଆଗେଇ ଚାଲିଲା ।

ଗରାବଡୁ ସେବକମାନେ ଅଧିବାସ ଘରୁ ବାଘମୁଖୀ ଧାରଣ କରି ସୁବାସିତ କଳସ ଘଡ଼ିଗୁଡିକୁ ବୋହିଆଣି ସ୍ନାନ ମଣ୍ଡପରେ ଚାରି ଧାଡ଼ିରେ ରଖିବାର ଉପକ୍ରମ କରୁଥାନ୍ତି । ଆଜି ଦୁଇଥର ପ୍ରଭୁ ସ୍ନାନ କରିବେ । ଗୋଟିଏ ହେଲା ବିମ୍ବ ସ୍ନାନ ଏବଂ ଆଉ ଥରେ ପ୍ରତ୍ୟକ୍ଷ ସ୍ନାନ । ବର୍ଷ ସାରା ପ୍ରଭୁ ବିମ୍ବ ସ୍ନାନ କରନ୍ତି । ସେ ଜଳରେ ଚନ୍ଦନ, କର୍ପୂର, ଦହି ଏବଂ ଅଁଳା ମିଶିଥାଏ କିନ୍ତୁ ଆଜି ଯେଉଁ ସ୍ନାନ ହେବ ସେଥିରେ ଦହି ଏବଂ ଅଁଳା ପରିବର୍ତ୍ତେ କେଶର ଏବଂ ଚୁଆ ସହ ଚନ୍ଦନ ଏବଂ କର୍ପୂର ମିଶ୍ରିତ ଜଳ ବ୍ୟବହାର ହେବ । ଚନ୍ଦନ ମୋ ପ୍ରଭୁଙ୍କର ଅତି ପ୍ରିୟ । ସ୍ନାନ ବେଳେ ଚନ୍ଦନ, ପ୍ରତ୍ୟହ ବଡ଼ସିଂହାର ବେଶ ପୂର୍ବରୁ ଦେହସାରା ଚନ୍ଦନ ବୋଳି ନ ହେଲେ ପ୍ରଭୁଙ୍କୁ ନିଦ ହୁଏନା । 'ଚନ୍ଦନ'ପ୍ରତି ଜଗନ୍ନାଥଙ୍କର ଏତେ ଦୁର୍ବଳତା ଯେ, ଚନ୍ଦନ ନାମନୁସାରେ ତାଙ୍କର ଏକ ଯାତ୍ରାର ନାଁ ମଧ୍ୟ ଦେଇଦେଲେ ଚନ୍ଦନ ଯାତ୍ରା । ବୟାଳିଶ ଦିନ ଧରି ତାହା ଅନୁଷ୍ଠିତ ହୁଏ, ଯାହାକି ପୃଥିବୀର ଅନ୍ୟ କୌଣସି ମନ୍ଦିରରେ ହୁଏନା । ବାହାରେ ୨୧ ଦିନ ଏବଂ ଶ୍ରୀମନ୍ଦିର ଭିତରେ ୨୧ଦିନ କାଳ ଚନ୍ଦନ ଯାତ୍ରା ହୁଏ । ଏହାକୁ ପ୍ରଭୁଙ୍କର ଚାପ ଖେଳ କୁହାଯାଏ ।

ପ୍ରଶ୍ନଟିଏ ବେଳେ ବେଳେ ମନରେ ଉଙ୍କି ମାରେ – ଚନ୍ଦନ ଠେଇଁ ଏମିତି କେଉଁ ପୁଣ୍ୟ ଅଛି ଯେ ଯେଉଁଥିପାଇଁ ପ୍ରଭୁ ତାହାର ସାନ୍ନିଧ୍ୟ ପାଇବା ପାଇଁ ଖୁବ୍ ଲାଳାୟିତ ? ଏହା ଏକ ବିଶେଷ ଆଲୋଚନାର ଅପେକ୍ଷା ରଖେ ।

ସ୍ନାନଜଳ ପରି ପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଚନ୍ଦନ ଟିକେ ପାଇବା ଲାଗି ଭକ୍ତ ମନରେ ବି କିଛି କମ୍ ବ୍ୟାକୁଳତା ନ ଥାଏ । ଧାରା ବିବରଣୀ ପ୍ରଦାନ ବେଳେ କେଜାଣି କାହିଁକି ସେଇ ଚନ୍ଦନ ପ୍ରାପ୍ତି ଲାଗି ମନଟା ଟିକେ ଉଚ୍ଚାଟ ହୋଇ ଉଠିଲା । ହେଲେ ଏ ଦୁଇ ଦ୍ରବ୍ୟ ମିଳିବ ବା କେମିତି ଯଦି ତାଙ୍କ କୃପା ନ ହୁଏ ।

ଚଳିତ ବର୍ଷ ସ୍ନାନଯାତ୍ରା ପଡ଼ିଥିଲା ଜୁନ୍ ୪ ତାରିଖରେ ।

'ସାତ ' ସଂଖ୍ୟା ପ୍ରତି ପ୍ରଭୁଙ୍କର ଗୋଟେ ନିବିଡ଼ ସମ୍ପର୍କ ଅଛି । ଟାହିଆ ଲାଗି ହେବେ ସାତ ପାହାଚରେ । ରଥଯାତ୍ରାରେ ଗୁଣ୍ଡିଚା ଘର ଅର୍ଥାତ ନିଜ ଗାଁକୁ ଯିବେ ପ୍ରଭୁ । କେତେ ଦିନ ସେଠାରେ ରହିବେ – ନା ସାତ ଦିନ । ଅଣସର ଘରେ ପ୍ରଭୁଙ୍କ ସପ୍ତାବରଣ ହୁଏ । ସଂଖ୍ୟା ସେଇ ସାତ । ସାତ ବାରରେ ପ୍ରଭୁ ସାତ ପ୍ରକାର ରଙ୍ଗର ପୋଷାକ ପିନ୍ଧନ୍ତି । ପ୍ରଭୁଙ୍କ ଉତ୍ପତ୍ତି ମଧ୍ୟ ସେଇ ସାତକୁ ନେଇ । ଏକ ବ୍ରହ୍ମ ସାତ ଭାଗ ହୋଇ ସୃଷ୍ଟି ହୋଇଛନ୍ତି । ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନ, ମାଧବ, ଶ୍ରୀଦେବୀ ଏବଂ ଭୂଦେବୀ । ରତ୍ନସିଂହାସନରେ ଆସୀନ ବି ହୋଇଛନ୍ତି ସେଇ ସାତ । ପ୍ରଭୁ ହେଉଛନ୍ତି 'ନୀଳାଦ୍ରି ନାଥ', ନୀଳାଦ୍ରିଶ ଇତ୍ୟାଦି । 'ନୀଳାଦ୍ରି ' ଶବ୍ଦ ହେଉଛି ନୀଳ + ଅଦ୍ରୀର ସମାହାର । ଅମରକୋଷ ଅନୁସାରେ ଅଦ୍ରୀର ଅନେକ ଅର୍ଥ ମଧ୍ୟରୁ ଗୋଟିଏ ହେଉଛି ସେଇ 'ସାତ ' ।

ସେଦିନ ଥିଲା ସେଇ ଦିବ୍ୟ ସଂଖ୍ୟା ୭ର ଖେଳ । ଏବେ ୪ରେ ୭ ମିଶାଇଦେଲେ ସଂଖ୍ୟାଟି ହେବ ୧୧ ।

ସେଦିନ ଥାଏ ଜୁନ୍ ୧୧ ତାରିଖ । ଆଉ ଆଠ ଦିନ ପରେ ଶ୍ରୀଗୁଣ୍ଡିଚା । ଦିନରେ ଖଟ ଉପରେ ବସି ଜଗନ୍ନାଥଙ୍କ ଭାବନାରେ ନିମଜ୍ଜିତ ଥିବା ବେଳେ ହଠାତ ଆଖି ପଡିଗଲା ଥାକରେ ରଖା ହୋଇଥିବା ଏକ ପତ୍ରିକା ଉପରେ । ଏଇ କିଛି ଦିନ ତଳେ ଭୁବନେଶ୍ୱର ପ୍ରଦର୍ଶନୀ ପଡିଆରେ ଅନୁଷ୍ଠିତ ହୋଇଥିବା ପୁସ୍ତକ ମେଳାର ଜଗନ୍ନାଥଙ୍କ ଷ୍ଟଲରେ ପତ୍ରିକାଟି ସହ ଭେଟାଭେଟି ହୋଇଥିଲା । ପ୍ରଥମ ସାକ୍ଷାତରେ ହିଁ ପତ୍ରିକାଟି ପାଇଁ ପ୍ରେମ ଆଉ ଆକର୍ଷଣ ସୃଷ୍ଟି ହୋଇଥିଲା । ଫଳ ସ୍ୱରୂପ ସେଦିନ ତାକୁ ମୁଁ ନେଇ ଆସିଥିଲି ମୋ ବାସଭବନକୁ ।



ଜଗନ୍ନାଥ ହେଉଛନ୍ତି ଛପନ ଭୋଗି । କେତେଥର ମୁଁ ନିରୋଳାରେ ଭାବିଚି – ଏକ, ତିନି, ସାତ, ନଅ, ଏଗାର, ଏକୋଇଶି, ଏକାବନ କି ଶହେ ଆଠ ଆଦି ପ୍ରଚଳିତ ପବିତ୍ର ସଂଖ୍ୟା ସହ ଯୁକ୍ତ ନ ହୋଇ ପ୍ରଭୁ 'ଛପନ ' ପରି ଏକ ସଂଖ୍ୟାକୁ କାହିଁକି ବାଛିଲେ ? ତାଙ୍କର ଭୋଗ ସଂଖ୍ୟା ଛପନ ନ ହୋଇ ସତାବନ, ଅଠାବନ କି ଷାଠିଏ କାହିଁକି ନ ହେଲା ? ଏକ ନିର୍ଦ୍ଦିଷ୍ଟ ସଂଖ୍ୟା 'ଛପନ' ହେବା ମୂଳରେ ରହସ୍ୟ କ'ଣ ହୋଇପାରେ ? ଅନେକ ଦିନରୁ ଏ ପ୍ରଶ୍ନର ତାଡନାରେ କଲବଲ ହେଉଥିବା ଏ ମଣିଷଟିକୁ ସେଦିନ ଉକ୍ତ ପତ୍ରିକାଟି ହିଁ ଉଦ୍ଧାର କରିଥିଲା । ଏକ ସୁନ୍ଦର ମୀମାଂସା ସହ ମନଲାଖି ଉତ୍ତରଟି ବି ସେଦିନ ସେଇ ପତ୍ରିକା ନିକଟରେ ଥିଲା ।

ହୃଦୟରେ ବହେ ଆନନ୍ଦ ଖୁନ୍ଦି ହୋଇଗଲା । ଇଚ୍ଛା ହେଲା ପତ୍ରିକାଟିର ସମ୍ପାଦକଙ୍କ ସହ ତୁରନ୍ତ କଥା ହୋଇ ତାହାର ଅନ୍ୟାନ୍ୟ ପୁରାତନ ପରିପାଟୀକୁ ସନ୍ଦର୍ଶନ କରିବା ପାଇଁ ।

ସେପଟରୁ ଉତ୍ତରଦେଲେ ପତ୍ରିକାର ବରେଣ୍ୟ ସମ୍ପାଦକ । ଠିକଣା ପାଇ ସେଇ ଖରାରେ ଖରାରେ ପହଞ୍ଚିଗଲି ଭୁବନେଶ୍ୱରସ୍ଥ ପତ୍ରିକା କାର୍ଯ୍ୟାଳୟରେ । ପ୍ରଥମେ ଭେଟ ହେଲେ ଜଗନ୍ନାଥଙ୍କ ଅନନ୍ୟ ପ୍ରାଣ, ସମର୍ପିତ ସେବକ ତଥା ପତ୍ରିକାର ଉପଦେଷ୍ଟା ମହୋଦୟ । 'ଜୟ ଜଗନ୍ନାଥ ' ର ଭାବଦ୍ୟୋତକ ଆଦାନ ପ୍ରଦାନ ପରେ ଆଦରର ସହ ସେ ମୋତେ ପାଛୋଟି ନେଲେ ତାଙ୍କ ଦୁଇ ମହଲା ସ୍ଥିତ କାର୍ଯ୍ୟାଳୟକୁ । ଘର ଭିତରେ ପ୍ରବେଶ କରୁ କରୁ ଚନ୍ଦନ, ଅଗୁରୁ ଆଉ କର୍ପୂରର ମହ ମହ ବାସ୍ନାରେ ଆନମନା ହେଲା ମନ ।

ଚତୁର୍ଦ୍ଧାମୂର୍ତ୍ତିଙ୍କ ସୁସଜ୍ଜିତ ଏକ ବିରାଟ ପଟ୍ଟ ପ୍ରତିମାଙ୍କୁ ଦର୍ଶନ କଲେ ଯେ କୌଣସି ଜଣେ ନବାଗତ ନିଶ୍ଚେ ଭ୍ରମରେ ପଡିବ ଯେ ତାହା କାର୍ଯ୍ୟାଳୟ ନା ପୂଜାଳୟ । ମାତ୍ର କିଛି ମୁହୂର୍ତ୍ତ ପରେ ସମ୍ପାଦକଙ୍କ ଆଗମନ ହେଲା । କିଛି ସମୟର ଆଳାପ ଆଲୋଚନା ଅନ୍ତେ ସେମାନେ ମୋ ପାଇଁ ବା ମୁଁ ସେମାନଙ୍କ ପାଇଁ ଯେ ଆଦୌ ଅପରିଚିତ ନୁହେଁ, ଏହା ପରିପ୍ରକାଶ ହୋଇଯିବାରୁ ଢେର ଖୁସି ଲାଗିଲା । ଏବେ ଆରମ୍ଭ ହେଲା ଦିବ୍ୟ ଲୀଳାର ଅନ୍ତିମ ପର୍ବ ।

– ପତ୍ରିକାର ଉପଦେଷ୍ଟା ବନ୍ଧୁ ମୋ ଆଡକୁ ଏକ ବୋତଲଟିଏ ବଢ଼େଇ ଦେଇ କହିଲେ, ଏହା ହେଉଛି ଏ ବର୍ଷର ସ୍ନାନ ଜଳ । ପାଇବା ହୁଅନ୍ତୁ ।

– ମାତ୍ର ଦୁଇ ମିନିଟ ପରେ ପୁନଶ୍ଚ ସେ ମୋ ହାତକୁ ବଢ଼ାଇ ଦେଲେ ଶ୍ରୀଅଙ୍ଗ ଲାଗି ସୁବାସିତ ଚନ୍ଦନ ।

– ପରେ ପରେ ଅନ୍ୟ ଏକ ବୋତଲଟିଏ ମୋତେ ପ୍ରଦାନ କରି କହିଲେ, ଏହା ହେଉଛି ଅଣସର ପଣା ।

ସେଦିନ ଧାରା ବିବରଣୀ ପ୍ରଦାନ ବେଳେ ଏ ମନ ଯେଉଁ କ୍ରମରେ ଯାହା ଚିନ୍ତା କରିଥିଲା ସେଦିନ ଠିକ୍ ସେଇ କ୍ରମରେ ମନୋବାଞ୍ଛିତ ଫଳ ସବୁ ମିଳିଥିଲା । ଠିକ୍ ସାତ ଦିନ ପରେ ପ୍ରଭୁ କୃପା କରି କ୍ରମାନ୍ୱୟରେ ତାହା ହିଁ ଯୋଗାଇ ଦେବା ସହ ଅତିରିକ୍ତ କୃପା ପ୍ରଦାନ କରି ଅଯାଚିତ ଭାବେ 'ଅଣସର ପଣା'କୁ ପରଷି ଦେଇଥିଲେ ।

ଭାବ ଆଉ ଭକ୍ତିରେ ଜଡ଼ସଡ଼ ହୋଇ ଉଠୁଥିଲା ଏଇ ମନ । ବିଶ୍ୱ ବ୍ରହ୍ମାଣ୍ଡର କେତେ କେତେ କଥା ବୁଝିବା ଭିତରେ ହେ ପ୍ରଭୁ, ତୁମେ ଏଇ ଦୀନହୀନ ଅକିଞ୍ଚନର କଥାକୁ ବି ବୁଝିଛ । ଏହା ଉପରେ ଏମିତି କୃପା ରଖିଥିବ ପ୍ରଭୁ । ଲୁହ ଆଉ କୋହ ବିଜଡିତ ଭାବ ସହ ଅଶେଷ କୃତଜ୍ଞତାରେ ମୁଣ୍ଡ ନଇଁ ଯାଉଥିଲା ।

*–ପ୍ରିନ୍ସିପାଲ, ଆପେକ୍ସ ଆଇଟିଆଇ, ପତ୍ରକଣା, କସର୍ଦା, କଟକ*

*ମୋ:୯୪୩୭୨୯୨୬୯୯*

## ପୁସ୍ତକ ସମୀକ୍ଷା

### ସପ୍ତବର୍ଣ୍ଣା

**କବି : ସୁଶ୍ରୀ ହରପ୍ରିୟା ସାହୁ**

**ପୃଷ୍ଠା ସଂଖ୍ୟା ୩୨୪, ପ୍ରକାଶକ – ଅଭିମାନ**

**ମୂଲ୍ୟ ୬୦୦ ଟଙ୍କା**

ଦୀର୍ଘ ତିରିଶ ବର୍ଷରୁ ଉର୍ଦ୍ଧ୍ୱକାଳର ସାହିତ୍ୟ ସାଧନାରେ ବ୍ରତୀ ସୁଶ୍ରୀ ହରପ୍ରିୟା ସାହୁଙ୍କ ଭିନ୍ନ ଭିନ୍ନ ସମୟରେ ପାଠକାଦୃତ ହୋଇଥିବା କବିତା ସଂକଳନ । ତୁମେ, ଜୀବନ ଜ୍ୟାମିତି, ଈଶ୍ୱରଙ୍କୁ ଖୋଜି ଖୋଜି, ଅବୁଝା ସକାଳ, ରାତିର ନକ୍ସା, ଶବ୍ଦ ସ୍ପନ୍ଦନ, ମୁଠାଏ ମହକକୁ ଏକତ୍ରିତ କରି ଅଭିମାନ ପ୍ରକାଶନୀ ଦ୍ୱାରା ନିକଟ ଅତୀତରେ ପ୍ରକାଶିତ ହୋଇଛି ସପ୍ତବର୍ଣ୍ଣା । ସ୍ୱତଃସ୍ଫୁର୍ତ୍ତ ଆବେଗ ସହିତ ସଚେତନ ପ୍ରଜ୍ଞାର ଅନ୍ୱୟ ତାଙ୍କ କବିତାର ବୈଶିଷ୍ଟ୍ୟ । ଚିହ୍ନା ଚିହ୍ନା ପ୍ରତୀକ ଓ ଚିତ୍ରକଳ୍ପକୁ ନେଇ ଚିତ୍ରିତ ହୋଇଛି ତାଙ୍କର ପ୍ରତ୍ୟେକଟି କବିତା । ଅନ୍ୱେଷା ପଥରେ ତାଙ୍କର କାବ୍ୟସ୍ୱର ଯନ୍ତ୍ରଣାପ୍ଲୁତ ଜୀବନର ରୂପ, ରଙ୍ଗ, ରସ ଓ ଛନ୍ଦରେ ଅହରହ ସ୍ପନ୍ଦିତ । ଏହି ସ୍ପନ୍ଦନର ପ୍ରାଣଧର୍ମିତା ପାଠକର ପ୍ରାଣକୁ ବାରମ୍ବାର ସ୍ପର୍ଶ କରିବ ।





### ଦିଗବଳୟର ସେପାଖେ

**ଗାଳ୍ପିକା : ବିଶ୍ୱଭାରତୀ ଦାଶ**

**ମୂଲ୍ୟ ୧୨୦ ଟଙ୍କା, ପ୍ରକାଶକ –ଆଦିତ୍ୟ ଭାରତ**

**ପୃଷ୍ଠା ସଂଖ୍ୟା ୧୦୬**

ପ୍ରତିଟି ମୁହୂର୍ତ୍ତରୁ ନୂଆ ଏକ ଜୀବନର ସ୍ୱପ୍ନ ଦେଖିପାରୁଥିବା କଥାକାର ବିଶ୍ୱଭାରତୀଙ୍କ ଦିଗବଳୟର ସେପାଖେ ଗଳ୍ପ ସଂକଳନଟି ଏକ ସୁନ୍ଦର ଗଳ୍ପ ସଂକଳନ । ସଂକଳନରେ ସନ୍ନିବେଶିତ ବାରଗୋଟି ଗପ ଜୀବନର ଅନୁଭବ ଓ ଜିଜ୍ଞାସାକୁ ନେଇ ଗତିଶୀଳ । ଜୀବନର ଆଖପାଖରେ ଘୁରି ବୁଲୁଥିବା କଥାବସ୍ତୁ ସବୁକୁ ଭିନ୍ନ ଭିନ୍ନ ଦୃଷ୍ଟିଭଙ୍ଗୀ ନେଇ ଗାଳ୍ପିକା ପ୍ରତିଫଳିତ କରିଛନ୍ତି ପ୍ରତିଟି ଗଳ୍ପରେ । ବିଶ୍ୱଭାରତୀଙ୍କ ଗଳ୍ପ ଗୁଡିକର ବିଷୟ ଚୟନ, ସ୍ୱଚ୍ଛତା ଓ ବୋଧଗମ୍ୟତା ପାଠକଙ୍କୁ ଆକର୍ଷିତ କରିବ । ଆଦିତ୍ୟ ଭାରତୀ ଦ୍ୱାରା ପ୍ରକାଶିତ ଏହି ସଂକଳନ ମଣିଷ ଜୀବନର ଆସ୍ଥା, ବିଶ୍ୱାସ ଓ ସଂଘର୍ଷକୁ ନେଇ ଏକ ସଫଳ ସୃଷ୍ଟି, ଯାହା ପାଠକମାନଙ୍କ ଶ୍ରଦ୍ଧାଭାଜନ ହେବ ବୋଲି ଆଶା ।



### ସ୍ମୃତି ସିଲଟ

**ପଣ୍ଡିତ ପ୍ରମୋଦ କୁମାର ତ୍ରିପାଠୀ, ପ୍ରକାଶକ–ଶିବାଶିଷ କର**

**ଓଡ଼ିଶା ବୁକ୍ ଏମ୍ପୋରିୟମ୍, କଟକ–୨**

ସ୍ମୃତି ସିଲଟ ପଣ୍ଡିତ ପ୍ରମୋଦ କୁମାର ତ୍ରିପାଠୀଙ୍କ କବିତା ପୁସ୍ତକ । ଏଥିରେ ୭୬ଟି କବିତା ସ୍ଥାନୀତ ହୋଇଛି । ସବୁ ସ୍ମୃତି ହୋଇ ଫେରିଗଲା ପରେ କବି ଖୋଲନ୍ତି ତାଙ୍କ ଇତିହାସ ପେଡି । ଯେଉଁଥିରେ ସାଇତି ରଖିଥାନ୍ତି ହୃଦୟ ସ୍ଲେଟର ଅଲିଭା ଦାଗସବୁ । କବିଙ୍କ ମନ ଏକ ମନପବନ ଯାନ । କେତେବେଳେ ସେ କବିଙ୍କୁ କେଉଁ ଆଡକୁ ଟାଣି ନିଏ ଜଣାପଡେନା । କବିପୁଣି ହୋଇଯାନ୍ତି, ଭାବର ଭାଷାକାର, କଳ୍ପନାର ରୂପକାର ଓ ସ୍ୱପ୍ନର କଥାକାର । ତେଣୁ ତାଙ୍କ କବିତାରେ ଭାଷାର ଭାବ ଅଧିକ । କେତେକ କବିତାରେ ଜୀବନର ନିରନ୍ତର ସତ୍ୟକୁ ବହନ କରିଥିବା ଦେଖିବାକୁ ମିଳେ । କବିତାଗୁଡିକରେ ଗ୍ରାମୀଣ ଶବ୍ଦର ପ୍ରୟୋଗ ଦେଖିବାକୁ ମିଳେ । କବିତା ସଂକଳନଟିରେ କବି କବି ସରଳ, ସାବଲୀଳ ଶବ୍ଦ ସମାହାରରେ ସମୟୋପଯୋଗୀ ବାର୍ତ୍ତା ଦେବାକୁ ଚେଷ୍ଟା କରିଛନ୍ତି । ଆଶା ପୁସ୍ତକଟି ପାଠକାଦୃତି ଲାଭ କରିବ ।



# ପୋର୍ଟେବଲ ୱାଶ୍ ବେସିନ୍

ସଫା ତଥା ହାଇଜେନିକ ରହିବା ସ୍ୱାସ୍ଥ୍ୟ ପାଇଁ ହିତକର। ତେଣୁ ହାତକୁ ଭଲଭାବେ ସଫା ରଖିବା ନିହାତି ଜରୁରୀ। ହେଲେ ସବୁବେଳେ ୱାଶ ବେସିନ୍ ପାଖରେ ନ ଥାଏ ହାତକୁ ଭଲଭାବେ ସାବୁନ୍ ଅବା



ହ୍ୟାଣ୍ଡୱାଶରେ ଧୋଇବାକୁ। ଏଇ ଯେମିତି ପିକ୍‌ନିକ୍ ଯାଇଥିଲେ ଅବା ଲଙ୍ଗ ଜର୍ଣ୍ଣିରେ ଯାଉଥିଲେ। ତେବେ ଏଭଳି ସମସ୍ୟାକୁ ଦୂର କରିବା ଲାଗି ଜାପାନର ଗ୍ୟାଜେଟ୍ ନିର୍ମାତା ଥ୍ୟାଙ୍କୋ ଆଣିଛି ପୋର୍ଟେବଲ ୱାଶ୍ ବେସିନ୍। ଯାହାକୁକି ଯେକୌଣସି ସ୍ଥାନକୁ ନେଇ ହେବ। କାରଣ ଏହା ଅଲଗା ଅଲଗା ପାର୍ଟରେ ବିଭକ୍ତ ହୋଇପାରେ। ଆଉ ଯେଉଁଠି ଚାହିଁବେ ତାକୁ କେଇ ମିନିଟ୍ ଭିତରେ ଆସେମ୍ବଲ କରିହେବ। ଏହି ୱାଶ ବେସିନ୍‌ର ଓଜନ ମାତ୍ର ୩ କି.ଗ୍ରା.। ଏହାର ତଳ ଭାଗରେ ଅର୍ଥାତ୍ ଏହାର ବେସ୍ ପାଣି ଟାଙ୍କି ପରି କାମ କରେ। ଯେଉଁଥିରେ ୨୦ ଲିଟର ପାଣି ରହିପାରିବ। ଏଥିରେ ଏକ ଡ୍ରେନେଜ୍ ପାଇପ୍ ସଂଯୋଗ ହୋଇଛି। ଏହାର ବେସିନ୍‌ଟି ବହୁତ ହାଲ୍‌କା। ଏଥିରେ ମେଟାଲିକ ଫସେଟ୍ ସହ ଟାୱେଲ ର୍ୟାକ୍ ବି ଅଛି। ତଳଭାଗରେ ଥିବା ପାଣି ପମ୍ପରୁ ପାଣି ବେସିନ୍ ପର୍ଯ୍ୟନ୍ତ ପମ୍ପ ହେବା ଲାଗି ୯ ଭୋଲ୍ଟର ବ୍ୟାଟେରୀ ବ୍ୟବହାର କରାଯାଇଛି। ଉକ୍ତ ବେସିନ୍‌ର ମୂଲ୍ୟ ୧୧୪ ଡଲାର।

ସ୍ନ୍ୟାକ୍ ପେଜ୍





# ପିଜ୍ଜା ଖାଇବା ଚାକିରି


ସମସ୍ତଙ୍କର ସ୍ୱପ୍ନ ଥାଏ ଭଲ ପାଠ ପଢି ବଡ଼ ଚାକିରି କରିବା ଓ ଅୟସରେ ଜୀବନ ବିତାଇବା। ହେଲେ ଚାକିରି କରିବା ପରେ କାମର ଚାପରେ ସବୁ ସୁଖ ଯେମିତି ଦୂରେଇଗଲା ପରି ଲାଗେ। ଖାଇବାକୁ ସମୟ ନ ଥାଏ କି ଶୋଇବାକୁ ବି ସମୟ ନ ଥାଏ। ତେବେ ୱିସକନସିନ୍, ମାଡିସନ୍‌ରେ ଥିବା ଦ ସେଣ୍ଟର ଫର୍ ଡାୟରି ରିସର୍ଚ ଏମିତି ଏକ ଚାକିରି ଅନାଉନ୍ସ କରିଛି ଯାହାକି ପ୍ରକୃତରେ ଏକ ସ୍ୱପ୍ନର ଚାକିରି ଭଳି। କାରଣ ଏହି ଚାକିରିରେ କୌଣସି କାମ କରିବାକୁ ପଡ଼େ ନାହିଁ। କେବଳ ପିଜ୍ଜା ଖାଇବାକୁ ହେବ। ଆଉ ପିଜ୍ଜା



ଖାଇବା ଲାଗି ଘଣ୍ଟା ପିଛା ୧୫ ଡଲାର ଦରମା ମିଳିବ। ଅର୍ଥାତ୍ ଦ ସେଣ୍ଟର ଫର୍ ଡାୟରି ରିସର୍ଚ ଏମିତି ବ୍ୟକ୍ତି ଖୋଜୁଛି ଯିଏକି ସବୁ ପ୍ରକାରର ଖାଦ୍ୟ ଖାଉଥିବା। ତେବେ ବିଶେଷ କରି ଚିଜ୍, ପିଜ୍ଜା ଓ ଅନ୍ୟ ଦୁଗ୍ଧ ଜାତୀୟ ଖାଦ୍ୟ ବେଶି ଖାଇବାକୁ ପସନ୍ଦ କରୁଥିବ। ଯିଏ ଏହି ଚାକିରି ପାଇଁ ନିଯୁକ୍ତି ପାଇବ ତାଙ୍କୁ ପ୍ରଥମେ ତାଲିମ ଦିଆଯିବ ଯେମିତିକି ସେ ଯେକୌଣସି ଖାଦ୍ୟର ସ୍ୱାଦ, ସୁଗନ୍ଧ, ସେଥିରେ ମିଶ୍ରିତ ଦ୍ରବ୍ୟକୁ ଚିହ୍ନିବା ସହ ତାକୁ ଭାଷାରେ ବ୍ୟକ୍ତ କରିପାରିବେ। ସପ୍ତାହକରେ ତାଙ୍କୁ ୨୪ଟି ଚିଜ୍ ସାମ୍ପଲ ଓ ୧୨ ପ୍ରକାରର ପିଜ୍ଜା ଟେଷ୍ଟ କରି କହିବାକୁ ହେବ। ଯେଉଁମାନେ ଏଭଳି ଏକ ଚାକିରି ପାଇଁ ଇଚ୍ଛୁକ ୟୁନିଭର୍ସିଟି ଅଫ୍ ୱିସକନ୍‌ସିନ ମାଡ଼ିସନ୍‌ର ୱେବସାଇଟ୍‌ରେ ଆପ୍ଲାଏ କରିପାରିବେ।

# ଅନ୍ତରୀକ୍ଷରେ ଫୁଟିଲା ଫୁଲ

ଅନ୍ତରୀକ୍ଷ ଅନେକ ରହସ୍ୟରେ ଭରି ରହିଛି। ଯାହା ସମ୍ପର୍କରେ ଜାଣିବା ଲାଗି ବୈଜ୍ଞାନିକମାନେ ଗବେଷଣା ଜାରି ରଖିଛନ୍ତି। ତା'ସହ ଅନ୍ତରୀକ୍ଷରେ ଜୀବନଧାରଣ କରିବା ସମ୍ଭବ କିଭଳି ହେବ ଓ ସେଠାରେ କିଭଳି ଫଳ, ଫୁଲ, ପନିପରିବା ଲଗା



ଯାଇପାରିବ ସେ ସମ୍ପର୍କରେ ବି ଗବେଷଣା କରାଯାଉଛି। ନିକଟରେ ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେସନ୍‌ରେ ଫୁଲ ଫୁଟିଥିବାର ଏକ ଫଟୋ ନାସା ଶେୟାର କରିଥିଲା। ଫଟୋ ପୋଷ୍ଟ କରିବା ସହ ସେଥିରେ ଲେଖାଯାଇଥିଲେ ଯେ, ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେସନ୍‌ରେ ଏହି ଜିନିଆ ଫୁଲ ଫୁଟିଛି। ଆମର ସ୍ପେସ୍ ଗାର୍ଡେନ କେବଳ ଦେଖେଇବା ପାଇଁ ନୁହେଁ। ଏଭଳି ଗବେଷଣା କରି ଆମେ ଜାଣିବାକୁ ଚାହୁଁଛୁ ଯେ ପୃଥିବୀ ଭଳି ଅନ୍ତରୀକ୍ଷରେ କେମିତି ଫସଲ ଚାଷ କରିହେବ। ଯାହାଦ୍ୱାରା ଆଗକୁ ହେବାକୁ ଥିବା ଚନ୍ଦ୍ର, ମଙ୍ଗଳ ଭଳି ଦୀର୍ଘକାଳିନ ମିଶନ୍‌ରେ ତାଜା ଭୋଜନର ମୂଲ୍ୟବାନ ସ୍ରୋତ ମିଳିପାରିବ। ପୂର୍ବରୁ ନାସାର ଆଷ୍ଟ୍ରୋନଟ୍‌ମାନେ ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେସନ୍‌ରେ ଅନ୍ୟ ପନିପରିବା ସହ ଲେଟ୍ୟୁସ୍, ଟମାଟୋ, ଚିଲି ପେପର୍ ଆଦି ଗଛ ଲଗାଇଛନ୍ତି। ଆଗକୁ ଆହୁରି ଅନେକ ଗଛ ଲଗାଇବାର ଯୋଜନା ଅଛି। ନାସା ଦ୍ୱାରା ଶେୟାର କରାଯାଇଥିବା ସମ୍ପୂର୍ଣ୍ଣଭାବେ ଫୁଟିଥିବା ହାଲ୍‌କା ନାରଙ୍ଗୀ ରଙ୍ଗର ପାଖୁଡ଼ା ଥିବା ଏହି ଫୁଲଟି ବେଶ୍ ସୁନ୍ଦର ଓ ଅଦ୍ଭୁତ। ଏହାବାଦ ସବୁଜ ପତ୍ର ସହଫୁଲ ପଛପଟେ ଦେଖାଯାଉଥିବା ପୃଥିବୀର ଫୋକସ୍ ଛବି ତ ବେଶ ଚମତ୍କାର ଲାଗେ।

